୬ ଲକ୍ଷ୍ମୌକୁ ୬ ୱିକେଟରେ ହରାଇଲା ହାଇଦ୍ରାବାଦ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୧୧ ● ୨୦ ମଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-111 ● 20th May 2025, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


### ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ୧୧ତମ ଅଭିଯୋଗ ଶୁଣାଣି

## ଗରିବ, ଅସହାୟଙ୍କୁ ସହାୟତା ଦେବା ଆମ ସରକାରଙ୍କ ପ୍ରାଥମିକତା




**ଭୁବନେଶ୍ୱର, ୧୯/୦୫**
**ନ୍ୟୁଜ ବ୍ୟୁରୋ**

'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୧ତମ ପାଳି। ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ତାଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ଭୁବନେଶ୍ୱର ୟୁନିଟ-୨ ଠାରେ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି।

ସୋମବାର ଏକ ହଜାର ଅଭିଯୋଗକାରୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର (ପୃଷ୍ଠା ୭ରେ)

### ୨୮ରେ ପୋଲାଭରମ ବୈଠକ

## ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ



**ଭୁବନେଶ୍ୱର, ୧୯/୦୫**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୮ ତାରିଖରେ ପୋଲାଭରମ ପ୍ରକଳ୍ପ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବୈଠକ କରିବେ ବୋଲି ସ୍ଥିରୀକୃତ ହୋଇଛି। ଆନ୍ଧ୍ର, ତେଲେଙ୍ଗାନା, ଓଡ଼ିଶା ଏବଂ ଛତିଶଗଡ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ପୋଲାଭରମ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାପଡିଛି। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ସମସ୍ତ ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବାକୁ ଯାଉଛନ୍ତି।

ଓଡ଼ିଶା ଏହି ବୈଠକରେ କ'ଣ ପକ୍ଷ ରଖିବ ସେ ନେଇ ରାଜ୍ୟ ସରକାର ନିଜକୁ ପ୍ରସ୍ତୁତ କରିଛନ୍ତି। ଦୁଇ ଦିନ ପୂର୍ବରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ସୂଚନାଯୋଗ୍ୟ, ଓଡ଼ିଶା, ଛତିଶଗଡ଼ ଏବଂ ତେଲେଙ୍ଗାନା ଦ୍ୱାରା ଦାଖଲ କରାଯାଇଥିବା ଆବେଦନଗୁଡ଼ିକ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ପୋଲାଭରମ ପ୍ରସଂଗରେ ଶୀର୍ଷ ଅଧିକାରୀ ସ୍ତରରେ ଅନେକବାର ଆଲୋଚନା ହୋଇଥିଲେ ମଧ୍ୟ ତାହାର କୌଣସି ସମାଧାନ ହୋଇପାରି ନାହିଁ। ଏଠାରେ ସୂଚନା ଯୋଗ୍ୟ ପୋଲାଭରମ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହ ପ୍ରଭୂତ କ୍ଷତି ଘଟିବ ବୋଲି ଆଶଙ୍କା ରହିଛି। ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଛି।

ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିର ଏକ ଅଂଶ ଭାବରେ, କେନ୍ଦ୍ର ସରକାର ପୋଲାଭରମ୍‌କୁ ଏକ ଜାତୀୟ ପ୍ରକଳ୍ପ ଭାବରେ ଘୋଷଣା କରିଥିଲେ। ସମସ୍ତ ରାଜ୍ୟ ପାଇଁ ଏକ ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ଖୋଜି ସମସ୍ତ ବାଧା ଦୂର କରିବା ଏବେ କେନ୍ଦ୍ର ସରକାରଙ୍କ (ପୃଷ୍ଠା ୭ରେ)

### ଆୟକର ପ୍ରଧାନ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଡ. ପ୍ରଫୁଲ୍ଲ କୁମାର ପୃଷ୍ଟି



**ଭୁବନେଶ୍ୱର, ୧୯/୦୫**
**ନ୍ୟୁଜ୍‌ବ୍ୟୁରୋ**

୧୯୯୦ ବ୍ୟାଚ୍‌ର ଜଣେ ଉଚ୍ଚ ସଫଳ ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ଡକ୍ଟର ପ୍ରଫୁଲ୍ଲ କୁମାର ପୃଷ୍ଟି ସୋମବାର ସମଗ୍ର ଭାରତ ଅଧିକାର କ୍ଷେତ୍ର ସହିତ ଆୟକର (ତଦନ୍ତ ଓ ଅପରାଧୀୟ ଗୁଇନ୍ଦା)ର ପ୍ରଧାନ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡକ୍ଟର (ପୃଷ୍ଠା ୭ରେ)

## ଭାରତରେ ବଢ଼ିଲା କୋଭିଡ-୧୯ : ଏସିଆର ଦୁଇ ବଡ଼ ସହରରେ ସର୍ବାଧିକ ମାମଲା



**ନୂଆଦିଲ୍ଲୀ, ୧୯।୫**

୨୦୧୯ର କରୋନା ଭାଇରସ ରୋଗ (କୋଭିଡ-୧୯) ପୁନରାଗମନ କରୁଥିବା ଜଣାପଡୁଛି, ଏସିଆର ଦୁଇ ବଡ଼ ସହର ହଂକଂ ଏବଂ ସିଙ୍ଗାପୁରରେ ମାମଲାରେ ନାଟକୀୟ ବୃଦ୍ଧି ଦେଖାଦେଇଛି। ମେ' ୧୨ ତାରିଖରୁ ୧୬୪ଟି ନୂଆ ମାମଲା ରିପୋର୍ଟ ହେବା ସହିତ ଭାରତରେ ମଧ୍ୟ ମାମଲା ବୃଦ୍ଧି ପାଉଛି। ବର୍ତ୍ତମାନ ଭାରତରେ ୨୫୭ଟି ସକ୍ରିୟ କୋଭିଡ-୧୯ ମାମଲା ରହିଛି, ଯେଉଁଥିରେ କେରଳ, ମହାରାଷ୍ଟ୍ର ଏବଂ ତାମିଲନାଡୁ ସଂଖ୍ୟାରେ ଶୀର୍ଷରେ ରହିଛନ୍ତି। ଗତ ସପ୍ତାହରେ କେରଳରେ ୬୯ଟି ନୂଆ ମାମଲା, ମହାରାଷ୍ଟ୍ରରେ ୪୪ଟି ଏବଂ ତାମିଲନାଡୁରେ ୩୪ଟି ମାମଲା ରିପୋର୍ଟ ହୋଇଛି। ମହାରାଷ୍ଟ୍ରରେ ଦୁଇଟି ମୃତ୍ୟୁ ମଧ୍ୟ ରିପୋର୍ଟ ହୋଇଛି, ଯାହାକୁ ଡାକ୍ତରମାନେ କୋଭିଡ-୧୯ ଜନିତ ମୃତ୍ୟୁ ନୁହେଁ ବୋଲି କହିଛନ୍ତି, କିନ୍ତୁ ଉଭୟ ରୋଗୀ କୋଭିଡ-୧୯ ପଜିଟିଭ ଥିବା ଜଣାପଡ଼ିଥିଲା। ମହାରାଷ୍ଟ୍ରରେ ବର୍ତ୍ତମାନ ୫୬ଟି ସକ୍ରିୟ କୋଭିଡ-୧୯ ମାମଲା ରହିଛି। ମୁମ୍ବାଇର କିଙ୍ଗ ଏଡୱାର୍ଡ ମେମୋରିଆଲ ହସ୍ପିଟାଲ ନିକଟରେ ଦୁଇଟି ମୃତ୍ୟୁ ରିପୋର୍ଟ କରିଛି । ଜଣେ ୫୯ ବର୍ଷୀୟ କର୍କଟ ରୋଗୀ ଏବଂ ଜଣେ ୧୪ ବର୍ଷୀୟ ଝିଅ ଯିଏ କିଡନୀ ରୋଗରେ ପୀଡ଼ିତ ଥିଲେ। ଉଭୟ ରୋଗୀ ମୂଳ ରୋଗ ଯୋଗୁଁ ମୃତ୍ୟୁବରଣ କରିଥିଲେ, ସେମାନେ କୋଭିଡ-୧୯ ପାଇଁ ମଧ୍ୟ ପଜିଟିଭ ଥିବା ଜଣାପଡ଼ିଥିଲା। ମୃତ୍ୟୁ ପ୍ରମାଣପତ୍ରରେ କୋଭିଡ ଲେଖାଯାଇ ନଥିବା ନେଇ ପ୍ରଶ୍ନ ଉଠୁଛି। ହସ୍ପିଟାଲ କହିଛି ଯେ ୫୯ ବର୍ଷୀୟ ମହିଳାଙ୍କ ଶରୀର ପରିବାରକୁ ହସ୍ତାନ୍ତର କରାଯାଇ ନଥିଲା। "ମହିଳାଙ୍କୁ ଭୋଇୱାଡ଼ା ଶ୍ମଶାନରେ କେବଳ ଦୁଇ ଜଣ ପରିବାର ସଦସ୍ୟଙ୍କ (ପୃଷ୍ଠା ୭ରେ)

## ଯୁଦ୍ଧବିରତିରେ ଆମେରିକାର କୌଣସି ଭୂମିକା ନାହିଁ

**ନୂଆଦିଲ୍ଲୀ, ୧୯।୫**

ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ସୋମବାର ଏକ ସଂସଦୀୟ କମିଟିକୁ କହିଛନ୍ତି ଯେ ଭାରତ-ପାକିସ୍ତାନ ଯୁଦ୍ଧବିରତି ସ୍ଥାପନରେ ଆମେରିକାର କୌଣସି ଭୂମିକା ନଥିଲା। ସେ ଦୃଢ଼ତାର ସହ କହିଛନ୍ତି ଯେ ସାମରିକ କାର୍ଯ୍ୟକଳାପ ବନ୍ଦ କରିବାର ନିଷ୍ପତ୍ତି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସ୍ତରରେ ନିଆଯାଇଥିଲା।

ମିଶ୍ରୀଙ୍କର ଏହି ମନ୍ତବ୍ୟ କେତେକ ବିରୋଧୀ ସଦସ୍ୟଙ୍କ ପ୍ରଶ୍ନ ପରେ ଆସିଛି, ଯେଉଁମାନେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ବାରମ୍ବାର ଦାବିକୁ ନେଇ ପ୍ରଶ୍ନ ଉଠାଇଥିଲେ ଯେ ତାଙ୍କ ପ୍ରଶାସନ ସଂଘର୍ଷ ବନ୍ଦ କରିବାରେ ଭୂମିକା ନିଭାଇଛି।

"ଟ୍ରମ୍ପ ଅତି କମରେ ସାତ ଥର ସାର୍ବଜନୀନ ଭାବେ ଦାବି କରିଛନ୍ତି ଯେ ସେ ଯୁଦ୍ଧବିରତିରେ ସହାୟତା କରିଛନ୍ତି। ଭାରତ କାହିଁକି ନୀରବ ରହିଲା" ପ୍ୟାନେଲର ଜଣେ ସଦସ୍ୟ ପଚାରିଥିଲେ। ଅନ୍ୟ ଜଣେ ସ୍ପଷ୍ଟ ଭାବେ ପ୍ରଶ୍ନ କରିଥିଲେ ଯେ କାହିଁକି ଭାରତ "ଟ୍ରମ୍ପଙ୍କୁ ବାରମ୍ବାର ବିବରଣୀ ହାତେଇ ନେବାକୁ ଅନୁମତି ଦେଲା", ବିଶେଷକରି ଯେତେବେଳେ ସେ ବାରମ୍ବାର ତାଙ୍କ ବୟାନରେ କଶ୍ମୀରର ଉଲ୍ଲେଖ କରୁଥିଲେ।



ସୂଚନା ଅନୁଯାୟୀ, ବୈଦେଶିକ ସଚିବ ଏହି ଦାବିଗୁଡ଼ିକୁ ଖଣ୍ଡନ କରି କହିଛନ୍ତି ଯେ ଭାରତ-ପାକିସ୍ତାନ ଯୁଦ୍ଧବିରତି ଏକ ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଜଡ଼ିତ ନଥିଲା। (ପୃଷ୍ଠା ୭ରେ)

### ଶ୍ୱାସରୁଦ୍ଧ ହୋଇ ଚାଲିଗଲା ୪ ଶିଶୁଙ୍କ ଜୀବନ

**ନୂଆଦିଲ୍ଲୀ, ୧୯/୦୫**

ଆନ୍ଧ୍ରପ୍ରଦେଶ ବିଜୟନଗରମ୍ ଜିଲ୍ଲାର ଦ୍ୱାରପୁଡ଼ି ଗାଁରେ ଅଭାବନୀୟ ଘଟଣା ଘଟିଛି। ପାର୍କିଂ ହୋଇଥିବା କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି ୪ ଶିଶୁ। ମୃତକଙ୍କ ମଧ୍ୟରେ ଜଣେ ଶିଶୁପୁତ୍ର ଓ ୩ ଜଣ ଶିଶୁକନ୍ୟା ରହିଥିବା ଜଣାପଡିଛି। ପୋଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବିଜୟନଗରମ୍ ଜିଲ୍ଲାର ଦ୍ୱାରପୁଡ଼ି ଗାଁର (ପୃଷ୍ଠା ୭ରେ)

## ସବୁ ବିଚାରପତି ପୂର୍ଣ୍ଣକାଳୀନ ପେନସନ ପାଇବାକୁ ହକଦାର

**ନୂଆଦିଲ୍ଲୀ, ୧୯/୦୫**

ଅତିରିକ୍ତ ବିଚାରପତି ଭାବରେ ଅବସର ନେଇଥିବା ବ୍ୟକ୍ତିଙ୍କ ସମେତ ସମସ୍ତ ହାଇକୋର୍ଟ ବିଚାରପତି ପୂର୍ଣ୍ଣ ପେନସନ ପାଇବାକୁ ହକଦାର। ଜଣେ ବିଚାରପତି ଜିଲ୍ଲା ନ୍ୟାୟାଳୟରୁ ପଦୋନ୍ନତି ପାଇଛନ୍ତି କି ବାର୍‌ରୁ ଉନ୍ନୀତ ହୋଇଛନ୍ତି ତାହା ଉପରେ କୌଣସି ପାର୍ଥକ୍ୟ କରାଯାଇପାରିବ ନାହିଁ ବୋଲି ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତିମାନେ ବାର୍ଷିକ ୧୫ ଲକ୍ଷ ଟଙ୍କା ପେନସନ ଭାବରେ ପାଇବେ। ସେହିପରି ଅତିରିକ୍ତ ବିଚାରପତି ଭାବରେ କାର୍ଯ୍ୟ କରିଥିବା ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିମାନଙ୍କୁ ବାର୍ଷିକ ୧୩.୬ ଲକ୍ଷ ପୂର୍ଣ୍ଣ ପେନସନ ପ୍ରଦାନ କରାଯିବ। ସମସ୍ତ ବିଚାରପତି, ସେମାନେ ବାର୍‌ରୁ ପଦୋନ୍ନତି କିମ୍ବା ଅଧସ୍ତନ ନ୍ୟାୟାଳୟରୁ ପଦୋନ୍ନତି ଦ୍ୱାରା ନ୍ୟାୟପାଳିକାରେ କିପରି ପ୍ରବେଶ କରିଥିଲେ ଓ ନିଯୁକ୍ତି ପାଇଥିଲେ ସେଥିରେ କୌଣସି ପାର୍ଥକ୍ୟ ତାହା ଦେଖାଯିବ ନାହିଁ। ତେବେ ସମସ୍ତଙ୍କ ଲାଗି ଗୋଟିଏ ନିୟମରେ ସମସ୍ତେ ସମାନ ପେନସନ ଲାଭ (ପୃଷ୍ଠା ୭ରେ)



## ଓଡିଶାରୁ ବାଂଲାଦେଶୀଙ୍କୁ ହଟାଇବାକୁ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୯/୦୫**
**ନ୍ୟୁଜ ବ୍ୟୁରୋ**

ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଛି ଓଡ଼ିଶାର ସମୁଦ୍ରକୂଳ ଜିଲ୍ଲା। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଏହି ୬ ଜିଲ୍ଲାରେ ଚାଲିଛି ବେଆଇନ୍ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା । ରାଜ୍ୟରୁ ଖୁବ୍ ଶୀଘ୍ର ବିଦା ହେବେ ବେଆଇନ୍ ବାଂଲାଦେଶ ନାଗରିକ। ଏନେଇ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସଟିଏଫ୍। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ୍ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ରାଜ୍ୟରୁ ବାଂଲାଦେଶୀଙ୍କୁ ହଟାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଇଞ୍ଜିନିୟରିଂ ବିଭାଗ ଗୁଡ଼ିକ ସହ ଆଲୋଚନା ହୋଇଛି । ବିଭିନ୍ନ ଏଜେନ୍ସିରେ ରହି କାର୍ଯ୍ୟ କରୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଉଛି। ଏମାନଙ୍କୁ ରାଜ୍ୟରୁ ବାହାର କରାଯିବ । କୌଣସି ଅଣ ନାଗରିକ ଓଡ଼ିଶାରେ ରହିପାରିବେ ନାହିଁ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । ଏହାଛଡ଼ା ରାଜ୍ୟରେ ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ଜୋରଦାର ଧରପଗଡ଼ ଚାଲିଛି । ଏସ୍‌ଟିଏଫ୍‌କୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ ଦିଆଯାଇଥିବା ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି । ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ଅନ୍ୟ ସବୁ ଏଜେନ୍ସିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। (ପୃଷ୍ଠା ୭ରେ)

## ଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ଭୁବନେଶ୍ୱର, ୧୯।୫**
**ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ । ସୋମବାର ଅପରାହ୍ନ ୫ଟା ୧୫ରୁ ୫ଟା ୩୦ ପର୍ଯ୍ୟନ୍ତ ଏହି ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳିଛି। ଡ୍ରୋନ ଉଡ଼ିବା ନେଇ ପୂର୍ବରୁ ଡିଜିପିଙ୍କ କଟକଣା ରହିଥିଲା । ଏହା ସତ୍ତ୍ୱେ ମଧ୍ୟ ଉଡ଼ିଛି ଡ୍ରୋନ୍। ଏହା ଦେଖିବା ପରେ ପୋଲିସକୁ ଅବଗତ କଲେ ମନ୍ଦିର ସେବାୟତ। ତେବେ ଏହି ଡ୍ରୋନ କିଏ କାହିଁକି ଉଡ଼ାଇଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ମନ୍ଦିର ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତାପ୍ରକଟ କରିଛନ୍ତି। ଅନ୍ୟପକ୍ଷେ ପାକିସ୍ତାନୀ ଗୁପ୍ତଚରଙ୍କ (ପୃଷ୍ଠା ୭ରେ)

### ଏକାଳ ପଖାଳ



ଚିହ୍ନଟଚାଲିଛି ଖୋଜିବା ଜାରି
ଚିନ୍ତାରେ ବାଂଲାଦେଶୀ
ବେଆଇନି ଭାବେ ଆମରାଇଜରେ
ହେଉଛନ୍ତି ଅନ୍ତେବାସୀ
କୁଆଡୁ ବିଧର୍ମୀ ଆସି
କଳାକାରନାମା କରନ୍ତି ଏମାନେ
ଏବେ ଦେବା ଆମେ ଠେସି

## ପାକିସ୍ତାନର ଟାର୍ଗେଟରେ ଥିଲା ସ୍ୱର୍ଣ୍ଣ ମନ୍ଦିର



**ନୂଆଦିଲ୍ଲୀ, ୧୯/୦୫**

'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନ ଦ୍ୱାରା ଭାରତୀୟ ସେନା ପ୍ରତିଷ୍ଠାନ, ଧାର୍ମିକ ସ୍ଥଳସମୂହ ଓ ସାଧାରଣ ନାଗରିକ ଅଞ୍ଚଳଗୁଡିକୁ ଲକ୍ଷ୍ୟ କରି ଆକ୍ରମଣ କରାଯିବାର ଆଶଙ୍କା ଥିଲା, ଯେଉଁଥିରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ସବୁଠାରୁ ପ୍ରମୁଖ ଥିଲା। ଏହାର ମୁକାବିଲା ସ୍ୱରୂପ ଭାରତ ତାର ବିମାନ ପ୍ରତିରକ୍ଷା ପ୍ରଣାଳୀ ବ୍ୟବହାର କରି ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଓ ପଞ୍ଜାବର ବିଭିନ୍ନ ସହରଗୁଡ଼ିକୁ ପାକିସ୍ତାନୀ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣରୁ ରକ୍ଷା କରିଥିଲା।

ଭାରତୀୟ ସେନା ସୋମବାର ପଞ୍ଜାବର ଅମୃତସରରେ ଏକ ଡେମୋ ଦେଖାଇଛି ଯେ, କିଭଳି ଆକାଶ ମିସାଇଲ୍ ପ୍ରଣାଳୀ, ଏଲ-୭୦ ଏୟାର୍ ଡିଫେନ୍ସ ଗନ୍ ସହିତ ଅନ୍ୟ ଅସ୍ତ୍ର ଉପକରଣ ମାଧ୍ୟମରେ ସେନାର ଏୟାର୍ ଡିଫେନ୍ସ ଗନର୍ସ ପାକିସ୍ତାନୀ ସେନାର ଦୁଷ୍ଟ ଉଦ୍ଦେଶ୍ୟକୁ ବିଫଳ କରି, ସ୍ୱର୍ଣ୍ଣ ମନ୍ଦିରକୁ ଲକ୍ଷ୍ୟ କରି ଆସୁଥିବା ସମସ୍ତ ଡ୍ରୋନ୍ ଓ ମିସାଇଲ୍‌ଗୁଡ଼ିକୁ ଧ୍ୱଂସ କରିଦେଇଥିଲେ। ଏଭଳି ଭାବେ ଆମ ପବିତ୍ର ସ୍ୱର୍ଣ୍ଣ ମନ୍ଦିରକୁ ଏକ ଆଘାତ ମଧ୍ୟ ଆସିବାକୁ ଦିଆଯାଇନଥିଲା ।

୧୫ ଇନଫେଣ୍ଟ୍ରି ଡିଭିଜନର ଜିଓସି ମେଜର୍ ଜେନେରାଲ୍ କାର୍ତ୍ତିକ ସି. ଶେଷାଦ୍ରି କହିଛନ୍ତି ଯେ, 'ଆମେ ସ୍ୱର୍ଣ୍ଣ ମନ୍ଦିରକୁ ଏକ ସମ୍ପୂର୍ଣ୍ଣ ଆକାଶମାର୍ଗରେ (ପୃଷ୍ଠା ୭ରେ)

## ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ



**ଭୁବନେଶ୍ୱର, ୧୯/୦୫**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ପରିଲକ୍ଷିତ ହେବ । ଏସମୟରେ ଝଡ ବର୍ଷା, ପବନ ଓ ବଜ୍ରପାତର ସମ୍ଭାବନା ମଧ୍ୟ ରହିଛି। ଏଥିପାଇଁ କେତେକ ଜିଲ୍ଲାକୁ ଚେତାବନୀ ଜାରି କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଯୋଗୁଁ କାଳବୈଶାଖୀ ଜନିତ ଝଡବାତ୍ୟାର ଆଶଙ୍କା ପ୍ରକାଶ ପାଇଛି। ଏନେଇ ଆଞ୍ଚଳିକ ପାରିପାଗ ପକ୍ଷରୁ ସୂଚନା ଦିଆଯାଇଛି। ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ମଇ ୨୦୨୫ ମଙ୍ଗଳବାର





# ରାଜଧାନୀରେ ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ଡିସିପିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ କେତେ ବାଂଲାଦେଶୀ ଅଛନ୍ତି ଚିହ୍ନଟ ହେବେ। ପ୍ରତି ଥାନା ଅଞ୍ଚଳରେ କେତେ ଅନୁପ୍ରବେଶକାରୀ ରହୁଛନ୍ତି ତା'ର ତଥ୍ୟ ବାହାର କରି କାର୍ଯ୍ୟାନୁଷ୍ଠାନ ନେବାକୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନରେ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରସଙ୍ଗକୁ ନେଇ କମିସନରେଟ୍ ପୋଲିସ ପକ୍ଷରୁ ଭରତପୁର ଥାନାରେ ଆୟୋଜିତ ଅପରାଧ ନିୟନ୍ତ୍ରଣ ବୈଠକରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟକୁ ଗୁରୁତ୍ୱ ଦିଆଯାଇଛି। ଡିସିପି ଶ୍ରୀ ମୀନା କହିଛନ୍ତି, ବାଂଲାଦେଶୀମାନେ ରାଜଧାନୀକୁ କେମିତି ଆସୁଛନ୍ତି, ଏଠାରେ ରହି କ'ଣ କରୁଛନ୍ତି, ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ହେବ। ଆବଶ୍ୟକ କାଗଜପତ୍ର ଦେଖାଇ ନପାରିଲେ ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ। ଏହା ସହିତ ଜେଲ୍ ଫେରନ୍ତା ଅଭିଯୁକ୍ତ ଓ ଅନ୍ୟ ଅପରାଧୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ବିସ୍ତୃତ ପଦକ୍ଷେପ ନେବାକୁ ଡିସିପି କହିଛନ୍ତି। ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହେଲେ ସେମାନଙ୍କୁ ତତକ୍ଷଣାତ୍ ଗିରଫ, ଦେଶାନ୍ତର କିମ୍ବା ବାଂଲାଦେଶ ଦୂତାବାସ ଜରିଆରେ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ କୌଣସି ନିର୍ଦ୍ଦିଷ୍ଟ ହିସାବ ରହୁନଥିବାରୁ ସେମାନଙ୍କ ଅପରାଧର ତାଲିକା କାହା ପାଖରେ ନାହିଁ। ପୂର୍ବରୁ ରାଜଧାନୀରେ ବିଭିନ୍ନ ଅପରାଧ ମାମଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂପୃକ୍ତି ସାମ୍ନାକୁ ଆସିଛି। ନିକଟରେ ଭୁବନେଶ୍ୱର ରେଳଷ୍ଟେସନ୍ ପାଖରୁ ବାଂଲାଦେଶୀ ଦଲାଲଙ୍କ ସମେତ ୧୦ ଜଣ ବାଂଲାଦେଶୀ ଧରାପଡ଼ିଥିଲେ। ଏଠାରେ ବିଭିନ୍ନ କାମ ଆଳରେ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା କିମ୍ବା ଶତ୍ରୁ ରାଷ୍ଟ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଉଥିବା ନେଇ ପୋଲିସ ଆଶଙ୍କା କରୁଛି। ତେଣୁ ସାମାଜିକ ଗଣମାଧ୍ୟମରେ ସେମାନଙ୍କର ବିଭିନ୍ନ ତଥ୍ୟକୁ ଯାଞ୍ଚ କରାଯିବ। ଧରାପଡ଼ିଲେ ଫରେନର୍ସ ଆକ୍ଟ ଅନୁଯାୟୀ ଅନୁପ୍ରବେଶକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ପରିପ୍ରେକ୍ଷୀରେ ସନ୍ଦିଗ୍ଧମାନଙ୍କୁ ତୁରନ୍ତ ଚିହ୍ନଟ କରିବାକୁ ଡିସିପି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ରାଜଧାନୀର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ତଥ୍ୟାନୁଯାୟୀ, ରାଜ୍ୟରେ ବର୍ତ୍ତମାନ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ବାଂଲାଦେଶୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ବେଆଇନ୍ ଭାବେ ପ୍ରାୟ ସାଢ଼େ ୪ ହଜାର ବାଂଲାଦେଶୀ ରହୁଛନ୍ତି। କିନ୍ତୁ ଏହି ତଥ୍ୟ ଠାରୁ ବହୁ ଅଧିକ ବାଂଲାଦେଶୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହୁଥିବା ଅନୁମାନ କରାଯାଉଛି। ବିଶେଷ କରି ରାଜଧାନୀ ଏବଂ ରାଜଧାନୀ ଉପକଣ୍ଠରେ ବିଭିନ୍ନ କୋଠା ନିର୍ମାଣ ଠାରୁ ଆରମ୍ଭ କରି କବାଡ଼ିଆ, ବିଭିନ୍ନ ଫେରି ବ୍ୟବସାୟରେ ଏମାନେ ସଂପୃକ୍ତ ଥିବା ଅଭିଯୋଗ ହେଉଛି। ନିକଟ ଅତୀତରେ ଆଇନ୍ ମନ୍ତ୍ରୀ ମଧ୍ୟ ରାଜ୍ୟରେ ରହୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ରହୁଥିଲା ବେଳେ ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ତ୍ୱରିତ କରାଯିବା ଉପରେ ବିଭିନ୍ନ ମହଲ ଗୁରୁତ୍ୱାରୋପ କରିଛନ୍ତି।

# ଟେଲର ମାଷ୍ଟରଙ୍କୁ କଇଁଚିରେ ଭୁସି ହତ୍ୟା ଉଦ୍ୟମ:ଅଭିଯୁକ୍ତ ଗିରଫ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତାକୁ କେନ୍ଦ୍ରକରି ରାଉରକେଲା ସହରରେ ଜଣେ ଟେଲର ମାଷ୍ଟରଙ୍କୁ କଇଁଚିରେ ଭୁସି ହତ୍ୟା ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ସଂଜୀବ ନାୟକ (୪୨)। ସୂଚନା ଅନୁସାରେ ସନ୍ଧ୍ୟା ସମୟରେ ରବୀନ୍ଦ୍ର ବାରିକ (୫୪)ଙ୍କୁ ସଂଜୀବ ନାୟକ କଇଁଚିରେ ଭୁସି ପ୍ରାଣାନ୍ତକ ଆକ୍ରମଣ କରିଥିଲା । ଏହି ଘଟଣାରେ ପ୍ଲାଣ୍ଟସାଇଟ୍ ପୋଲିସ ଅଭିଯୁକ୍ତ ରବୀନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ପାଖରୁ ଏକ କଇଁଚିକୁ ଜବତ ହୋଇଛି। ଅପରପକ୍ଷରେ ଗୁରୁତର ଆହତ ସଞ୍ଜୀବ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ନୟାବଜାରରେ ଟେଲର ମାଷ୍ଟର ରବୀନ୍ଦ୍ର ବାରିକଙ୍କୁ ସଂଜୀବ ନାୟକ କଇଁଚି ଭୁସି ଦେଇଥିଲା। ନୟାବଜାରରେ ଉଭୟ ରବୀନ୍ଦ୍ର ଓ ସଂଜୀବଙ୍କର ଟେଲର ଦୋକାନ ରହିଛି। ତେବେ ରବୀନ୍ଦ୍ରଙ୍କ ଭଲ ବ୍ୟବସାୟ ଚାଲୁଥିବାବେଳେ ଅଭିଯୁକ୍ତ ସଂଜୀବ ଏହାକୁ ସହ୍ୟ କରିପାରୁନଥିଲା। ଏମିତିକି ଅଭିଯୁକ୍ତ ନିୟମିତ ବ୍ୟବଧାନରେ ରବୀନ୍ଦ୍ରଙ୍କୁ ଗାଳିଗୁଲଜ କରିବା ସହ କୁଆଡ଼େ ହତ୍ୟା ଧମକ ଦେଉଥିଲା। ପ୍ରକାଶଥାଉକି, ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନୟାବଜାରରେ ଟେଲର ମାଷ୍ଟର ରବୀନ୍ଦ୍ର ବାରିକଙ୍କୁ ସଂଜୀବ ନାୟକ କଇଁଚି ଭୁସି ଦେଇଥିଲା। ନୟାବଜାରରେ ଉଭୟ ରବୀନ୍ଦ୍ର ଓ ସଂଜୀବଙ୍କର ଟେଲର ଦୋକାନ ରହିଛି। ତେବେ ରବୀନ୍ଦ୍ରଙ୍କ ଭଲ ବ୍ୟବସାୟ ଚାଲୁଥିବାବେଳେ ଅଭିଯୁକ୍ତ ସଂଜୀବ ଏହାକୁ ସହ୍ୟ କରିପାରୁନଥିଲା। ଏମିତିକି ଅଭିଯୁକ୍ତ ନିୟମିତ ବ୍ୟବଧାନରେ ରବୀନ୍ଦ୍ରଙ୍କୁ ଗାଳିଗୁଲଜ କରିବାସହ କୁଆଡ଼େ ହତ୍ୟା ଧମକ ଦେଉଥିଲା। ଶନିବାର ସନ୍ଧ୍ୟାରେ ରବୀନ୍ଦ୍ର ଚା' ପିଇବା ପରେ ନିଜ ଟେଲର ଦୋକାନକୁ ଫେରୁଥିଲେ। ଏତିକିବେଳେ ଅଭିଯୁକ୍ତ ସଞ୍ଜୀବ ନିଜ ଦୋକାନରୁ ଏକ କଇଁଚି ଧରି ତାଙ୍କୁ ୩ ଥର ଭୁସିଥିଲା। ଫଳରେ ରବୀନ୍ଦ୍ରଙ୍କ ଛାତି, ଜଂଘ ଓ ଆଣ୍ଠୁରେ ଆଘାତ ଲାଗିଛି। ଆକ୍ରମଣ ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକ ଗୁରୁତର ଆହତ ରବୀନ୍ଦ୍ରଙ୍କୁ ପ୍ରଥମ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ଓ ପରେ ଏକ ବେସରକାରୀ ଡାକ୍ତରଖାନାକୁ ନେଇଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଛାନ୍‌ଭିନ୍ ଜାରି ରଖିଥିଲା।

# କନେଷ୍ଟବଳ ଗିରଫ ହେବା ଘଟଣାରେ ଆର୍‌ପିଏଫ୍ ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସିବିଆଇ ହାତରେ ବିମଳାଗଡ଼ ଆରପିଏଫ୍ କନେଷ୍ଟବଳ ଶମ୍ଭୁପ୍ରସାଦ ସିଂହ ଗିରଫ ହେବାର ୧୦ ଦିନ ପରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି ବିମଳାଗଡ଼ ଆରପିଏଫ୍ ଅଧିକାରୀ ଦିଲୀପ କୁମାର ସିଂ। ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି। ଚକ୍ରଧରପୁର ରେଳମଣ୍ଡଳର ଆରପିଏଫ୍ ଡିଏସ୍‌ପି ଶଙ୍କର କୁଟି ଏକ ପତ୍ର ଜାରି କରି ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ସିଂ ଚକ୍ରଧରପୁର ଡିଏସ୍‌ସି ଅଫିସରେ ପ୍ରତିଦିନ ରିପୋର୍ଟିଂ କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ମାସ ୮ ତାରିଖ ସନ୍ଧ୍ୟାରେ ବିମଳାଗଡ଼ ଆରପିଏଫ୍ ପୋଷ୍ଟରେ କାର୍ଯ୍ୟ କରୁଥିବା କନେଷ୍ଟବଳ ଶମ୍ଭୁପ୍ରସାଦ ସିଂହଙ୍କୁ ୧୨ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭୁବନେଶ୍ୱର ସିବିଆଇ ଟିମ୍ ଗିରଫ କରିଥିଲା। ସେହି ଦିନ ଠାରୁ ଆରପିଏଫ୍ ଅଧିକାରୀ ଦିଲୀପ କୁମାର ସିଂ ନିଖୋଜ ଅଛନ୍ତି। ଏପରିକି ତାଙ୍କର ସରକାରୀ ଫୋନ୍ ମଧ୍ୟ ବନ୍ଦ ରହିଛି। ଏହି ଘଟଣାରେ ତାଙ୍କ ନାଁରେ ସିବିଆଇ ମାମଲା ରୁଜୁ କରିଛି। ତେବେ ମାମଲା ରୁଜୁ ହେବାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ଦିଲୀପଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏ ନେଇ ଖବର ପ୍ରକାଶ ହେବାପରେ ବିଭାଗୀୟ ଉଚ୍ଚାଧିକାରୀଙ୍କ ଚେତା ପଶିଥିଲା। ବିମଳାଗଡ଼ ଅଞ୍ଚଳରେ ବେଆଇନ୍ କୋଇଲା, ସ୍କ୍ରାପ୍, ନକଲିମଦ କାରବାର ପଛରେ ଆରପିଏଫ୍‌ର ଜଣେ ସବ୍‌ଇନ୍ସପେକ୍ଟରଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି। ଯେକୌଣସି ସମୟରେ ଏହି ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ସୂଚନା ମିଳିଛି।

# ସମ୍ପତ୍ତି ବିବାଦକୁ ନେଇ ଭଉଣୀକୁ ହତ୍ୟା କଲେ ଭାଇ ଭଉଣୀ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ସଦର ମହକୁମା ଗୋବିନ୍ଦପୁର ମଝିପଡ଼ାରେ ସମ୍ପତ୍ତି ଓ ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ସ୍ୱାମୀ ପରିତ୍ୟକ୍ତା ମଝିଆ ଭଉଣୀକୁ ନିଜ ବଡ଼ ଭଉଣୀ ଓ ସାନ ଭାଇ ମିଶି ହତ୍ୟା କରିଛନ୍ତି। ସୂଚନାନୁସାରେ, ଗୋବିନ୍ଦପୁରର ବିନୋଦ ବିହାରୀ ସାହୁଙ୍କ ମଝିଆ ଝିଅ ଲିନା ସାହୁ ବିବାହ ପରେ ଗତ କିଛିବର୍ଷ ହେବ ପରିବାର ସହ ନରହି ସମ୍ବଲପୁର ଅଞ୍ଚଳରେ ଏକୁଟିଆ ରହି କାମଧନ୍ଦା କରି ଚଳୁଥିଲେ। ଇତିମଧ୍ୟରେ ନିଜ ପୈତୃକ ସମ୍ପତ୍ତି ଓ ଜମିବାଡ଼ି ଭାଗବଣ୍ଟାକୁ ନେଇ ସେ କୋର୍ଟରେ କେସ୍ କରିଥିଲେ। ଯାହାକୁ ନେଇ ପରିବାର ଭିତରେ ତିକ୍ତତା ବଢ଼ିଥିଲା। ସେ ବହୁଦିନ ଧରି ବାପ ଘରକୁ ଯିବାଆସିବା କରୁନଥିଲେ। ରବିବାର ନିଜର ସଂପର୍କୀୟ ବଡ଼ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବାକୁ ଆସିଥିଲେ। ରବିବାର ଦିନ ୧୧ଟା ବେଳେ ସେ ନିଜ ସଂପର୍କୀୟ ଭାଇ ଅରକ୍ଷିତ ସାହୁଙ୍କ ଘରେ ଶୋଇଥିବା ବେଳେ ତାଙ୍କ ଅବିବାହିତା ବଡ଼ ଭଉଣୀ ପୁଷ୍ପାଞ୍ଜଳି ସାହୁ (୪୨) ଏବଂ ସାନଭାଇ ଗୋଲକ ସାହୁ (୩୮) ହଠାତ୍ ପଶିଆସି ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଗୋଲକ ତାଙ୍କୁ ଏକ ଛୁରିରେ ଆଘାତ କରିଥିଲା। ଗୁରୁତର ଅବସ୍ଥାରେ ଲିନାଙ୍କୁ ସେଠାରେ ଉପସ୍ଥିତ ଥିବା ଲୋକେ ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଖବରପାଇ ଗୋବିନ୍ଦପୁର ପୋଲିସ ଶବ ଜବତ କରିବା ସହ ଅରକ୍ଷିତ ସାହୁଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଭଉଣୀ ପୁଷ୍ପାଞ୍ଜଳି ଓ ଭାଇ ଗୋଲକଙ୍କୁ ଗିରଫ କରାଯାଇଛି। କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ ଦାସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ରାଜଧାନୀରେ ବ୍ୟବସାୟୀଙ୍କ କବ୍‌ଜାରେ ସରକାରୀ କ୍ୱାର୍ଟର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



କେଉଁ କ୍ୱାର୍ଟର୍ସରେ ବାଉଁଶ ଓ ବେତ ବ୍ୟବସାୟୀ ତ କେଉଁଠି ଗୁପ୍‌ଚୁପ୍। କେଉଁଠି ହୋଟେଲ୍ ଚାଲିଛି ତ ଆଉ କେଉଁଠି ଷ୍ଟୋର୍ ରୁମ୍ ପାଲଟିଛି ସରକାରୀ କ୍ୱାର୍ଟର୍ସ। କିଛି କ୍ୱାର୍ଟର୍ସ ଆଗରୁ ତାଲା ପଡ଼ିଛି, ହେଲେ ଭିତରେ ଲୋକ ରହୁଛନ୍ତି। କିଛି କ୍ୱାର୍ଟର୍ସ ତାଲା ଭାଙ୍ଗି ଆଡ୍ଡା ଜମାଇଛନ୍ତି ବାଂଲାଦେଶୀ। ଭୁବନେଶ୍ୱର ଛାତି ଉପରେ ସରକାରୀ କ୍ୱାର୍ଟର୍ସ ଏଭଳି ବ୍ୟବହାର ହେଉଥିବା ବେଳେ ସାଧାରଣ ପ୍ରଶାସନ ବିଭାଗ (ଜିଏ) କିମ୍ବା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଏଥିପ୍ରତି ନଜର ନାହିଁ। ୟୁନିଟ୍-୨ ରାଜମହଲ ଠାରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଥିବା ଅଧିକାଂଶ ସରକାରୀ କ୍ୱାର୍ଟର୍ସକୁ ବେଆଇନ୍ ଭାବେ କବ୍‌ଜା କରାଯାଇଛି। ଏମିତିକି ଆଇଏସ୍‌ଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ବି ଓଡ଼ିଶା ବାହାରର ବ୍ୟବସାୟୀ ରହୁଥିବା ଦେଖିବାକୁ ମିଳିଛି। କିଛି ଡିଆଇପି କ୍ୱାର୍ଟର୍ସ ଆଗରେ ବିଭିନ୍ନ ସଂଘର ପୋଷ୍ଟର ଲଗାହୋଇଛି। ଜିଏରୁ କ୍ୱାର୍ଟର୍ସ ଆଲର୍ଟ ହୋଇଥିବା କିଛି ବ୍ୟକ୍ତି ବ୍ୟବସାୟୀଙ୍କୁ ଭଡ଼ା ଦେଇଛନ୍ତି। ଆଉ କିଛି ଆଲର୍ଟ ହୋଇନଥିବା ଘରର ତାଲା ଭାଙ୍ଗି ଜବରଦଖଲ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ୟୁନିଟ୍-୨ ଅଞ୍ଚଳରେ ଡିଆଇପି, ଭିଭିଆଇପିଙ୍କ ଠାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରମୁଖଙ୍କ ପାଇଁ ମୋଟ ୭୬୫ଟି ସରକାରୀ କ୍ୱାର୍ଟର୍ସ ରହିଛି। ପୂର୍ବ ସରକାର ସମୟରେ ମାର୍କେଟ ବିଲଡିଂ ଠାରୁ କଂଗ୍ରେସ ଭବନ ଯାଏ ସରକାରୀ ଘରଗୁଡ଼ିକୁ ଭାଙ୍ଗି ସେଠାରେ ବହୁତଳ କୋଠା ନିର୍ମାଣ ପାଇଁ ଉଦ୍ୟମ ହୋଇଥିଲା। ଏମିତିକି ଘର ଚିହ୍ନଟ ସହ ଡିଜାଇନ୍ ବି ପ୍ରସ୍ତୁତ ହୋଇଥିଲା। ହେଲେ କୌଣସି କାରଣରୁ ପୂର୍ବ ସରକାର ଏଥିପ୍ରତି ଧ୍ୟାନ ଦେଇନଥିଲେ। କିନ୍ତୁ ଯେଉଁ ସରକାରୀ ଅଧିକାରୀ ଘର ଛାଡ଼ିଲେ ତାଙ୍କ ବଦଳରେ ସେହି ଘରକୁ ଆଉ ଅନ୍ୟ କାହାକୁ ଦିଆଗଲାନାହିଁ। ଏହାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ତାଲା ଭାଙ୍ଗି ଘର କବ୍‌ଜା କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଏମାନଙ୍କ ମଧ୍ୟରେ ଅଧିକାଂଶ ବାଂଲାଦେଶୀ। ସ୍ଥାନୀୟ ଅସାମାଜିକଙ୍କ ସହ ମିଶି ସେମାନେ ଏଭଳି ଦୁଃସାହସ କରୁଥିବା ଅଭିଯୋଗ ହେଉଛି। ଆଉ କିଛି କର୍ମଚାରୀଙ୍କ ଦ୍ୱାରା ଘର ଭଡ଼ାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ୭୬୫ଟି କ୍ୱାର୍ଟର୍ସ ମଧ୍ୟରୁ ୪୦୪ଟି ଭଙ୍ଗା ହେବା ପାଇଁ ନିଷ୍ପତ୍ତି ହୋଇଛି। ଏଥିମଧ୍ୟରୁ ୨୨୨ଟି କ୍ୱାର୍ଟର୍ସକୁ ଖାଲି କରାଯାଇଛି। ସମୁଦାୟ ୭୬୫ରୁ ୨୫୦ କ୍ୱାର୍ଟର୍ସ ଖାଲିପଡ଼ିଛି। ଏଥରୁ ପାଖାପାଖି ୨୦୦ କ୍ୱାର୍ଟର୍ସକୁ ବେଆଇନ୍ ଭାବେ କବ୍‌ଜା କରାଯାଇଛି। ପୂର୍ତ୍ତ ବିଭାଗ ଡିଭିଜନ୍-୧, ୟୁନିଟ୍-୨ର ସହକାରୀ ଯନ୍ତ୍ରୀଙ୍କ କହିବା ଅନୁସାରେ ଏଗୁଡ଼ିକ ସାଧାରଣ ପ୍ରଶାସନ (ଜିଏ) ବିଭାଗର କ୍ୱାର୍ଟର୍ସ। ଆମେ ରକ୍ଷଣାବେକ୍ଷଣ କରୁଛୁ ପ୍ରତି ମାସରେ କେତୋଟି ଖାଲି ହେଉଛି ତାର ରିପୋର୍ଟ ଜିଏକୁ ଦେଉଛୁ। କ୍ୱାର୍ଟର୍ସ ଜବରଦଖଲ ହେଉଥିବା ଦେଖିଲେ ଆମେ ଉପରିସ୍ଥ ଅଧିକାରୀଙ୍କ ଜରିଆରେ ଜିଏକୁ ଜଣାଉଛୁ। ଏନେଇ ଜିଏ ପଦକ୍ଷେପ ନେବା କଥା। ନିୟମ ଅନୁସାରେ ଜଣେ ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଘର ଛାଡ଼ିବା ପୂର୍ବରୁ ପାଣି ଓ ବିଦ୍ୟୁତ କ୍ଲିୟରାନ୍ସ କରିଥାଏ। ଏହାପରେ ଉକ୍ତ କ୍ୱାର୍ଟର୍ସକୁ ପାଣି ଓ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଏ। ପୁଣି ଜିଏରୁ ସେହି କ୍ୱାର୍ଟର୍ସ ଆଲର୍ଟ ହେବା ପରେ ପୂର୍ତ୍ତ ବିଭାଗ ମରାମତି କରେ ଓ ପରେ ପାଣି, ବିଦ୍ୟୁତ୍ ସଂଯୋଗ କରିଥାଏ। ହେଲେ କ୍ୱାର୍ଟର୍ସ ଆଲର୍ଟ ହୋଇନଥିବା ବେଳେ ବେଆଇନ୍ ଜବରଦଖଲକାରୀଙ୍କୁ କେମିତି ପାଣି ଓ ବିଦ୍ୟୁତ୍ ଦିଆଯାଉଛି ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଛି। ବାବୁମାନେ ଅକସ୍ମାତ୍ ପରିଦର୍ଶନ କରିବାକୁ ଆସିବା ପୂର୍ବରୁ ଜବରଦଖଲକାରୀଙ୍କ ପାଖରେ ଖବର ପହଞ୍ଚି ଯାଉଥିବା ଅଭିଯୋଗ ହେଉଛି।

# ଗାଁକୁ ଫେରିଲା ରାଜମିସ୍ତ୍ରୀଙ୍କ ଶବ:୩ ଅଟକ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଅଞ୍ଚଳର ନିଖୋଜ ରାଜମିସ୍ତ୍ରୀ ପ୍ରଶାନ୍ତ ନିଆଲଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ଶବ ଗାଁକୁ ଫେରିଥିବା ବେଳେ ଅନ୍ତିମ ସତ୍କାର କରାଯାଇଛି । ପ୍ରକାଶ ଯେ, ବେଲପଡ଼ାର ପ୍ରଶାନ୍ତ ନିଆଲ ଗତ ୮ ତାରିଖ ତିନ୍ୱର ଖାଁ, ଗୋପାଳ ନାଏକ, ମୋତିରାମ ନିଆଲଙ୍କ ସହ ରାୟପୁରକୁ ଟ୍ରାକ୍ଟର ପାର୍ଟ୍ସ କିଣିବାକୁ ଯାଇଥିଲେ ଓ ପରେ ସାଙ୍ଗରେ ଯାଇଥିବା ୩ ଜଣ ବ୍ୟକ୍ତି ଗାଁକୁ ଫେରିଆସିଥିବା ବେଳେ ପ୍ରଶାନ୍ତ ଆଉ ଫେରିନଥିଲେ ଓ ୧୫ ତାରିଖ ରାୟପୁର ନିକଟ ମହାସମୁନ୍ଦ ଅଞ୍ଚଳରୁ ତାଙ୍କ ମୃତଦେହ ମିଳିଥିଲା ଓ ପରିବାର ଲୋକ ଏନେଇ ଜାଣିବା ପରେ ଗତ ଶୁକ୍ରବାର ବେଲପଡ଼ା ଥାନାରେ ପ୍ରଶାନ୍ତଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ଏଥିସହ ହତ୍ୟାକାରୀଙ୍କୁ ଗିରଫ ଦାବିରେ ବଲାଙ୍ଗୀର-କଣ୍ଟାବାଞ୍ଜି ରାସ୍ତା ଅବରୋଧ କରିଥିଲେ ଓ ତେବେ ଘଟଣାକୁ ନେଇ ରାୟପୁର ଆରଙ୍ଗ ପୋଲିସ ସାଙ୍ଗରେ ଯାଇଥିବା ମୋତିରାମ, ତିନ୍ୱର ଓ ଗୋପାଳଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି ଓ ପ୍ରକାଶ ଯେ, ମୃତ ପ୍ରଶାନ୍ତଙ୍କ ପତ୍ନୀ, ୧୧ ବର୍ଷର ପୁଅ ବବଲୁ ଓ ୮ ବର୍ଷର ଝିଅ ବବଲି ସହ ପରିବାର ଲୋକ ଅଛନ୍ତି । ପ୍ରଶାନ୍ତ ରାଜମିସ୍ତ୍ରୀ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି । ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ବାଲେଶ୍ୱର ଲୋକକଳା ଓ ସଂସ୍କୃତିକୁ ଉଜ୍ଜିବିତ ରଖିଛି ଜଉ କଣ୍ଢେଇ ବାହାଘର



**ବାଲେଶ୍ୱର, ନ୍ୟୁଜ୍**

ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲେଶ୍ୱରର ବିଶାଳ ଲୋକ ଉତ୍ସବ ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘରରେ ପାରମ୍ପରିକ ଓ ଲୋକ ବାଦ୍ୟ ନୃତ୍ୟର ବିରାଟ ଶୋଭାଯାତ୍ରା ପ୍ରଦର୍ଶନ କରାଯିବ । ବାଲେଶ୍ୱରର ଲୋକକଳା ଓ ଲୋକ ସଂସ୍କୃତିକୁ ଉଜ୍ଜୀବିତ ରଖି ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବା ପାଇଁ ଦୀର୍ଘ ୧୫ ବର୍ଷ ଧରି ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ଆୟୋଜନ କରିଆସୁଥିବା ୫ ଦିନିଆ ଜଉକଣ୍ଢେଇ ବାହାଘର ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରିଯିବ ବୋଲି ବସ୍ତାର ବିଧାୟକା ତଥା କମିଟିର ସଭାପତି ସୁବାସିନୀ ଜେନା ଜଣାଇଛନ୍ତି। ଚଳିତ ବର୍ଷ ଆକର୍ଷଣୀୟ ଶୋଭାଯାତ୍ରା ସହ ଦୋକାନ ବଜାର, ମୀନା ବଜାର, ଖାଦ୍ୟ ପେୟ, ଦୋଳି, ଖେଳ ଖେଳନା, ବାଲେଶ୍ୱର ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ଅଫିସ ତରଫରୁ ବିଭିନ୍ନ ହସ୍ତଶିଳ୍ପ ସହ ଜଉକଣ୍ଢେଇ, ବାଲେଶ୍ୱର ଓରମାସ୍ ତରଫରୁ ଗ୍ରାମୀଣ ଉତ୍ପାଦନର ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଲାଗିବ । ଏହି ଉତ୍ସବର ଆକର୍ଷଣୀୟ ଓ ପାରମ୍ପରିକ ବାହାଘର ୩ କିମି ବ୍ୟାପି ଶୋଭାଯାତ୍ରା ବାଲେଶ୍ୱର ସହରର କଚେରୀ ବଜାର ନିକଟସ୍ଥ ମିଶନ ସ୍କୁଲ ପଡ଼ିଆରୁ ବାହାରି ବିବେକାନନ୍ଦ ମାର୍ଗ ଚିଡିଆପୋଲ ଦେଇ ନୀଳିଆବାଗ, ରାଣୀପାଟଣା, ଦର୍ଜୀ ପୋଖରୀ, ଗଳାପୋଲ, ହରିପୁର ଛକ, ଅରଡ ବଜାର, ଆନନ୍ଦ ବଜାର ହୋଇ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବ। ଏଥିରେ ଆକର୍ଷଣୀୟ ନିଆରା ପାଲଙ୍କିରେ ଜଉ କଣ୍ଢେଇ ବର ଅପର୍ଣ୍ଣୀ ସହ ଆଲୋକ ସଜ୍ଜା, ଫୁଲ ଝଡ଼ି, ଢୋଲ ବାଜା, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପୁରୀର ସାହି ଯାତ ନୃତ୍ୟ, ପିତୁଳା ନାଚ, ଭୁବନେଶ୍ୱରର 'ଏକତ୍ର ବାଲେଶ୍ୱର' ତରଫରୁ ଆଦିବାସୀ ନୃତ୍ୟ, ବାଲେଶ୍ୱର ମହାବୀର ସଂଘ ତରଫରୁ ଆଖଡ଼ା, ବନାଟି, ବାଡ଼ି ଖେଳ ଅନ୍ୟାନ୍ୟ ଶୋଭାଯାତ୍ରା ସହ ମାନ୍ୟଗଣ୍ୟ ବରଯାତ୍ରୀଙ୍କର ବିରାଟ ପାରମ୍ପରିକ ଶୋଭାଯାତ୍ରାର ପଟୁଆର ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି କମିଟିର କର୍ମକର୍ତ୍ତା ଆଶାବ୍ୟକ୍ତ କରିଛନ୍ତି । ଏହି ଶୋଭାଯାତ୍ରା ଆଗାମୀ ଦିନରେ ବ୍ରାଜିଲ୍ ବିଶ୍ୱ ପ୍ରସିଦ୍ଧ ଲୋକ କାର୍ନିଭାଲ୍ ପରି ଓଡ଼ିଶା ପ୍ରସିଦ୍ଧ ଫୋକ୍ କାର୍ନିଭାଲ୍ ଭାବରେ ପ୍ରତିଷ୍ଠା କରାଯିବ ବୋଲି ଜଉକଣ୍ଢେଇ ବାହାଘରର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ଜଣାଇଛନ୍ତି । ଏହି ନିଆରା ଓ ଅନନ୍ୟ ଶୋଭାଯାତ୍ରାକୁ ଉପଭୋଗ କରିବା ସହ କଳା ଓ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଉପରୋକ୍ତ ବର୍ଣ୍ଣିତ ଶୋଭାଯାତ୍ରା ପଥରେ ବିଭିନ୍ନ ଅନୁଷ୍ଠାନ ତରଫରୁ ତୋରଣ, ପ୍ରଚାର ବ୍ୟାନର ସହ ସ୍ୱାଗତ କରିବେ ବୋଲି ସମ୍ପାଦକ ଡା. କୁମାର ଗୋପାଳ ଜଣାଇଛନ୍ତି। ମିଶନ୍ ସ୍କୁଲ୍ ପଡ଼ିଆରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ନାୟିକା' ଓ ସଂସ୍କୃତି ବିଭାଗ ସହଯୋଗରେ ୫ ଦିନ ଧରି ସନ୍ଧ୍ୟାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଆକର୍ଷଣୀୟ ଲୋକନୃତ୍ୟ, ଲୋକଗୀତ ଯଥା ଭଦ୍ରକ ଲହୁଡି, କେନ୍ଦୁଝରର ରାବଣଛାୟା, ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ, ଗଞ୍ଜାମର ଭାରତ ଲୀଳା, ମୟୂରଭଞ୍ଜର ଛଉ, ବାଲେଶ୍ୱରର ଚଢେଇୟା ନାଟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ରହିବ ବୋଲି ଜଣାଇଛନ୍ତି । ଆସନ୍ତା ୨୨ରୁ ୨୬ ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଉତ୍ସବକୁ ସଫଳ କରିବା ପାଇଁ କମିଟି ତରଫରୁ ବାଲେଶ୍ୱର ବାସୀଙ୍କୁ ନିବେଦନ କରିଛନ୍ତି।

# ଷ୍ଟ୍ରିଟ୍ ଲାଇଟ୍ ମରାମତି ବେଳେ ବିଏମ୍‌ସି କର୍ମଚାରୀଙ୍କୁ ମଦ ବୋତଲରେ ଆକ୍ରମଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଜଣେ କର୍ମଚାରୀଙ୍କୁ ମଦ ବୋତଲରେ ଆକ୍ରମଣ କରାଯାଇଛି। ଭିଏସ୍‌ଏସ୍ ନଗର ଫାଣ୍ଡି ସମ୍ମୁଖରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ବେଳେ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ରୋଗୀଙ୍କ ଠାରୁ ସର୍ଜରୀ ଆଳରେ ଠକେଇ ଉଦ୍ୟମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଦିନକୁ ଦିନ ଦଲାଲଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବାହାର ରାଜ୍ୟର ରୋଗୀଙ୍କ ଠାରୁ ହସ୍ପିଟାଲ୍‌ରେ ସର୍ଜରୀ କରିବା ବାବଦକୁ ଟଙ୍କା ଠକେଇ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ହସ୍ପିଟାଲର କର୍ମଚାରୀ ସାମିଲ୍ ଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ରାଜ୍ୟ ବାହାରର ଜଣେ ବ୍ୟକ୍ତି ନିଜ ସ୍ତ୍ରୀକୁ ନେଇ ଏମ୍ସ ଆସିଥିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କର ସର୍ଜରୀ ହେବ ଓ ଏଥିପାଇଁ ତାରିଖ ପରେ ଜଣାଇ ଦିଆଯିବ ବୋଲି କହିଥିଲେ। ତେଣୁ ସେ ଫେରିବା ବାଟରେ ଜଣେ ଦଲାଲ ହାବୁଡ଼ରେ ପଡ଼ିଯାଇଥିଲେ। କମ୍ ଟଙ୍କାରେ ତାଙ୍କର ସର୍ଜରି କରିଦିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେବା ସହିତ ତାଙ୍କର କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭଲ ପରିଚୟ ଥିବା କହିଥିଲେ। ତାଙ୍କୁ ଫୁସୁଲାଇ କ୍ୟାପିଟାଲ୍ ହସ୍ପିଟାଲ୍ ଆଣି ହସ୍ପିଟାଲ୍‌ର ଜଣେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସହିତ ପରିଚୟ କରାଇଥିଲେ। ତାଙ୍କୁ କର୍ମଚାରୀ ଜଣକ ନିଜ ସମ୍ପର୍କୀୟ ପରିଚୟ ଦେବା ସହିତ ତାଙ୍କର ହସ୍ପିଟାଲ୍‌ରେ ଆଡ୍‌ମିସନ୍ ଓ ସର୍ଜରୀ କରାଇ ଦେଇଥିଲେ। ଏଥିବାବଦକୁ ୬୦ ହଜାର ଟଙ୍କାର ଏକ ହସ୍ପିଟାଲ୍ ପ୍ୟାଡ୍‌ରେ ଏକ ନକଲି ବିଲ୍ ମଧ୍ୟ ଧରାଇ ଦେଇଥିଲେ। ସେଥିରେ ଜିଏସ୍‌ଟି ନମ୍ବର ମଧ୍ୟ ରହିଥିଲା। ଡିସ୍‌ଚାର୍ଜ ଦିନ ବ୍ୟକ୍ତି ଜଣକ ଯେତେବେଳେ ବିଲ୍ ବାବଦକୁ ନେଇ ସେଠାରେ କାର୍ଯ୍ୟରତ ନର୍ସଙ୍କୁ ପଚାରିଥିଲେ ନର୍ସ ତାଙ୍କ ସହ ଚଞ୍ଚକତା ହୋଇଥିବା ଜାଣିପାରି ତାଙ୍କୁ ହସ୍ପିଟାଲ୍‌ର ଅଧିକାରୀଙ୍କ ପାଖକୁ ପଠାଇଥିଲେ। କିନ୍ତୁ ବ୍ୟକ୍ତିଜଣକ ଟଙ୍କା ଦେଇନଥିବାରୁ ଅଭିଯୋଗ କରିନଥିଲେ। ଏଭଳି ଘଟଣା ପୂର୍ବରୁ ଘଟିଥିଲେ ମଧ୍ୟ ରୋଗୀ ଭଲ ହୋଇଯିବାପରେ ଡିସ୍‌ଚାର୍ଜ ସମୟରେ ଟଙ୍କା ଦେଇ ପଳାଇ ଯାଉଛନ୍ତି। ଏନେଇ କୌଣସି ଅଭିଯୋଗ ମଧ୍ୟ ଆସୁନାହିଁ।

# କାଠଯୋଡ଼ିରେ ବୁଡ଼ି ୨ ଇଞ୍ଜିନିୟରଙ୍କ ମୃତ୍ୟୁ

**କଟକ, ନ୍ୟୁଜ୍ ବ୍ୟୁରୋ**

କାଠଯୋଡ଼ିରେ ବୁଡ଼ି ୨ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି । ସିଡିଏ ବୀରେନ ମିତ୍ର ପାର୍କ ନିକଟରେ ଗାଧୋଇବା ବେଳେ ଏହି ଅଘଟଣ ଘଟିଥିଲା । ୪ ଜଣ ଇଞ୍ଜିନିୟର ଗାଧୋଇବା ସମୟରେ ଏହି ଅଘଟଣ ଘଟିଥିଲା । କଟକ ଏସ୍‌ସିବି ନିର୍ମାଣାଧୀନ କାର୍ଯ୍ୟରେ ନିୟୋଜିତ ଥିଲେ ଏହି ସମସ୍ତ ଇଞ୍ଜିନିୟର । ପାଣିର ଗଭୀରତା ସମ୍ପର୍କରେ ଜାଣିନଥିଲେ । ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡିଛି ।

# କ୍ରସର କର୍ମଚାରୀ ମୃତ୍ୟୁ ଘଟଣାରେ ଆଉ ୨ ଅଭିଯୁକ୍ତ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାହଡପୁର ସ୍ଥିତ ପଦ୍ମାବତୀ କ୍ରସରର କର୍ମଚାରୀ ଆରଜିତ କୁମାର ଜେନାଙ୍କ ମୃତ୍ୟୁ ଅଭିଯୋଗରେ ଧର୍ମଶାଳା ପୋଲିସ ୨ଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ସୌମ୍ୟରଂଜନ ବିଶ୍ୱାଳ ଓ ହେମନ୍ତକୁମାର ଦେଓ। ମୁଖ୍ୟ ଆସାମୀ କ୍ରସର ମାଲିକ ଜ୍ଞାନରଂଜନ ମହାପାତ୍ର ଫେରାର୍ ଅଛି। ପୂର୍ବରୁ ଜ୍ଞାନର ଭଣଜା ସତ୍ୟନାରାୟଣ ବଳକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୂଚନାଯୋଗ୍ୟ ଯେ ଜେନାପୁର ଥାନା ଅନ୍ତର୍ଗତ ପଦ୍ମାବତୀ କ୍ରସରରେ କୁମାରୀ ପଞ୍ଚାୟତ ଜାମୁବଣିଆ ଗ୍ରାମର ଅଜୟ କୁମାର ଜେନାଙ୍କ ପୁଅ ଅରଜିତ କାର୍ଯ୍ୟ କରିଥିଲା। ପଇସା ପତ୍ର ଭୁଲ୍‌ଭଟକା ପାଇଁ ମାଲିକଙ୍କ ପ୍ରରୋଚନାରେ କର୍ମଚାରୀ ଅରଜିତକୁ ମାଡ଼ ମାରିଥିଲେ। ଫଳରେ ଅରଜିତଙ୍କର ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସାଂଘାତିକ ଭାବେ ମାଡ଼ ମାରିବା, ଗରମ ତେଲ ପକାଇବା ଓ ଚେଙ୍କ ଦେଇ ନିର୍ଯାତନା ଦେବାରୁ ତାର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଧର୍ମଶାଳା ପୋଲିସ ପକ୍ଷରୁ ୨୦ ଦିନ ପରେ ଶନିବାର ଦିନ ଭୁବନେଶ୍ୱରରୁ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କ୍ରସର୍ ମାଲିକକୁ ଗିରଫ କରିବା ପାଇଁ ବିଭିନ୍ନ ଦଳ ପକ୍ଷରୁ ରାଜ୍ୟ ପୋଲିସ ମୁଖ୍ୟ ଓ ଜିଲ୍ଲା ଏସ୍‌ପିଙ୍କ ନିକଟରେ ଦାବି ହୋଇଥିଲା।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲଗ୍ନ / ୨ବୃ | ୧୨ବୁ | ୧୧ଶୁକ୍ର / ୧୦ |
| ୩ମଙ୍ଗ | ୨୩ / ୧୦ | ୮୯ |
| ୪ / ୫କେ | ୬ | ୭ / ୮ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୦।୫।୨୦୨୫, ଜ୍ୟେଷ୍ଠ ଦ୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୦୯।୫୫** **ଚନ୍ଦ୍ରୋଦୟ- ରାଘ ୧୨।୩୫।୧୬**

**ସପ୍ତମୀ-** ପ୍ରାଘ ୫।୫୨ ପର୍ଯ୍ୟନ୍ତ । ଅଷ୍ଟମୀ କ୍ଷୟ ଦିଘ ୪।୫୬ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ରାଘ ୭।୩୨ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଦିଘ ୭।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୭।୩୪ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ଦିଘ ୭।୩୪ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ପ୍ରାଘ ୫।୫୨ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଘ ୬।୫୧ ମଧ୍ୟେ । ଦିଘ ୪।୩୬ ଗତେ ଘ ୫।୨୧ ମଧ୍ୟେ । **ପର୍ବୋତ୍ସବ-** ଉତ୍କଳେ ଭଉଁରୀ, ଶ୍ରୀକ୍ଷେତ୍ରେ ହଳଦିପାଣି ।



**ମେଷ:** କର୍ମକ୍ଷେତ୍ରରେ କମ୍ ପରିଶ୍ରମ କରିବେ । ଅନ୍ୟମାନଙ୍କ ଠାରୁ ନିନ୍ଦା ପାଇବେ । ଧନହାନୀ ଯୋଗ ରହିଛି । ରୋଜଗାର ଅପରିବର୍ତ୍ତିତ ରହିବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ଦେହ ଭଲ ରହିବ ।



**ବୃଷ:** ପାରିବାରିକ ଅବସ୍ଥା ଭଲ ରହିବନାହିଁ । ବେପରୁଆ କାର୍ଯ୍ୟ କରି କର୍ମକ୍ଷେତ୍ରରେ ସମାଲୋଚିତ ହେବେ । ଅନିଚ୍ଛା ସତ୍ତ୍ୱେ କର୍ମକ୍ଷେତ୍ରକୁ ଯିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** କଥାବାର୍ତ୍ତା ଦ୍ୱାରା ସବୁରି ପ୍ରିୟପାତ୍ର ହେବେ । ପାରିବାରିକ ଜଞ୍ଜାଳ ବଢ଼ିବ । କର୍ମପ୍ରାପ୍ତିରେ ବିଳମ୍ବ ଘଟିପାରେ । ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବ। ଆୟ ସ୍ଥିର ରହିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଆପଣଙ୍କର ମନୋଭିଳାଷ ପୂର୍ଣ୍ଣ ହେଲେ ମଧ୍ୟ କୌଣସି କାରଣରୁ ମନରେ କ୍ରୋଧ ଆସିବ । କିଛି କାରଣ ପାଇଁ ପରିବାର ଓ ସହଯୋଗୀଙ୍କ ପାଇଁ ବିଚଳିତ ହେବେ । ଅଯଥା ଖର୍ଚ୍ଚାନ୍ତ ହେବାର ସମ୍ଭାବନା ।



**ସିଂହ:** କଥାବାର୍ତ୍ତାରେ ସଂଯମତା ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । ମାନ ଓ ସମ୍ମାନରେ ଆଞ୍ଚ ଆସିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ରୋଜଗାରର ପରିମାଣ ବଢ଼ିବ। ମନ ଭଲ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସହଯୋଗ ଯୋଗୁ ବିରକ୍ତି ଲାଗିବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । କୁଟୁମ୍ବେ ଅଶାନ୍ତି । ଅପରାହ୍ନ ଠାରୁ ଆନନ୍ଦ ଲାଗି ରହିବ । ମନ ଅସ୍ଥିର ରହିବ ।



**ତୁଳା:** ପରିଶ୍ରମ ତୁଳନାରେ ଫଳ ପାଇବେ । ପୁରୁଣା କାର୍ଯ୍ୟ ସମାଧାନ ହେବ। ମନ ଭଲ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ ।



**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହାର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ସମସ୍ତ ମନକାମନା ପୂର୍ଣ୍ଣ ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗରୁ ଘରେ ପରାମର୍ଶ କଲେ ଉଚ୍ଚ ଆଶା ସଫଳ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ଭ୍ରମଣ ଯୋଗ ରହିଛି ।



**ମକର:** ଶତ୍ରୁ ବଢ଼ିବ । ନିଜ ଲୋକ ବିପରୀତ ବ୍ୟବହାର କରିବେ । ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ। ଆୟ ସାମାନ୍ୟ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନତା ଅବଲମ୍ବନୀୟ । ଆୟ ଅପେକ୍ଷା ବ୍ୟୟ ବଢ଼ିବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ । ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ । ଆଶାଜନକ ଫଳ ଲାଭ କରି ନିଜର ବୈଶିଷ୍ଟ ପ୍ରତିପାଦନ କରିବେ । ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଭଲ ହେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୫।୨୦୨୫, ଜ୍ୟେଷ୍ଠ ଦ୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୦୯।୩୮** **ଚନ୍ଦ୍ରୋଦୟ- ରାଘ ୧।୧୧।୫୬**

**ନବମୀ-** ରାଘ ୩।୨୩ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ସଂଘ ୬।୫୮ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୩।୨୩ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୦ ଗତେ ଘ ୮।୨୮ ମଧ୍ୟେ । ଦିଘ ୧।୫୪ ଗତେ ଘ ୫।୨୨ ମଧ୍ୟେ । **ପର୍ବୋତ୍ସବ-** ରାଜୀବଗାନ୍ଧୀ ତିରୋଧାନ ଦିବସ ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ଏବେ ସୁଫଳ ମିଳୁଛି

ଜମ୍ମୁ-କଶ୍ମୀରକୁ ନେଇ କେନ୍ଦ୍ର ସରକାର ଠିକ୍ କିଛି ବର୍ଷ ତଳେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ । ସେ ସମୟର ପରିସ୍ଥିତି ଯାହା ଥିଲା, ଚିନ୍ତା କରାଯାଉଥିଲା ଯେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ରୂପେ କଶ୍ମୀରରେ ଜଳୁଥିବା ନିଆଁରେ ଘିଅ ଢାଳିବା ସଦୃଶ ହେବ । ସମସ୍ତ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର କଶ୍ମୀରକୁ ଅବଶିଷ୍ଟ ଭାରତରେ ସାମିଲ୍ କରିବାର ଚିନ୍ତାଧାରା ନେଇ ସେଠାରେ ପ୍ରଚଳିତ ଧାରା ୩୭୦କୁ ଉଚ୍ଛେଦ କରିଥିଲେ । ଏହାକୁ ନେଇ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ମଧ୍ୟ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ୩୭୦ ଧାରାକୁ ସମର୍ଥନ କରୁଥିବା କଶ୍ମୀରର ନେତାମାନେ କେନ୍ଦ୍ର ସରକାରଙ୍କ ଏହି ନୀତି ନିଶ୍ଚିତ ରୂପେ କଶ୍ମୀରକୁ ଏକ ଅଶାନ୍ତ ଅଞ୍ଚଳ କରିଦେବ ବୋଲି ମତ ଦେଇଥିଲେ । ସମସ୍ତ ମତାମତକୁ ଖାତିର ନକରି କେନ୍ଦ୍ର ସରକାର ଯେଉଁ ଦୃଢ଼ ପଦକ୍ଷେପ ନେଇଥିଲେ ତାହାର ସୁଫଳ ଏବେ ମିଳିଛି । ଏଥିରେ ଦ୍ୱିମତ ନାହିଁ ଯେ ଜମ୍ମୁକଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ହେଉନାହିଁ ବୋଲି । ହେଉଛି ସତ କିନ୍ତୁ ପୂର୍ବାପେକ୍ଷା ଏହା ନଗଣ୍ୟ ହେବାକୁ ବସିଲାଣି। ଯଦି କିଛି ବର୍ଷ ପରେ ଆଜି ଆମେ କଶ୍ମୀରର ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରିବା ତେବେ ଏହା ନିଶ୍ଚିତ ଜାଣିପାରିବା ଯେ ଯେଉଁ କଶ୍ମୀର ଦିନେ ରକ୍ତପାତ ଓ ହିଂସାରେ ଜଳୁଥିଲା ସେହି କଶ୍ମୀର ଏବେ ବିକାଶର ପଥରେ ଅଗ୍ରଗତି କରୁଛି । ଯେଉଁ କଶ୍ମୀରର ଯୁବକମାନେ ପଥଭ୍ରଷ୍ଟ ହୋଇ ଆତଙ୍କବାଦକୁ ବହୁ ମାତ୍ରାରେ ଆପଣେଇବାରେ ଲାଗିଥିଲେ ସେମାନେ ଆଜି କେଉଁଠି ନା କେଉଁଠି ଜମ୍ମୁ-କଶ୍ମୀର ସରକାରରେ ସେ ପୋଲିସ ବିଭାଗ ହେଉ ବା ସେନା ବିଭାଗ ହେଉ ନିଜର ଉପସ୍ଥିତି ଜାହିର କରି କଶ୍ମୀରକୁ ସୁରକ୍ଷା ଦେବାକୁ ଆଗେଇ ଆସିଛନ୍ତି । ଏହି ଧାରା ମଧ୍ୟ ଅବାରିତ ବୃଦ୍ଧି ପାଇବାରେ ଲାଗିଛି । ଯେଉଁ କଶ୍ମୀରରେ ଦିନେ ସାଧାରଣ ଜନତା କାମଧନ୍ଦା ପାଇଁ ସକାଳୁ ବାହାରିଲେ ରାତିକୁ ଫେରିବେ କି ନାହିଁ ସନ୍ଦେହ ଉପୁଜୁଥିଲା ଏବେ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ଏବେ ଯଦି ତର୍ଜମା କରାଯାଏ ତେବେ ଜମ୍ମୁ-କଶ୍ମୀରକୁ ପ୍ରତିଦିନ ୧୨୦ଟି ଜାତୀୟ ଅର୍ନ୍ତଜାତୀୟ ବିମାନ ଆସିବା ସ୍ପଷ୍ଟ କରୁଛି ଯେ ଜମ୍ମୁକଶ୍ମୀର ଧୀରେ ଧୀରେ ଅଶାନ୍ତରୁ ଶାନ୍ତ ହେବାକୁ ଯାଉଛି । ଏହା ସତ ଯେ ଜମ୍ମୁ-କଶ୍ମୀରର ଆର୍ଥିକ ସ୍ଥିତିକୁ ପର୍ଯ୍ୟଟନ କ୍ଷେତ୍ର ବେଶ୍ ମଜବୁତ କରିଥାଏ। ଯାହାକି ସ୍ୱାଧୀନତା ପରଠାରୁ ହୋଇଆସୁଥିଲା । କିନ୍ତୁ ଯେବେଠାରୁ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଜିଆଉଲ୍ ହକ୍‌ଙ୍କ କ୍ରୁର ମସ୍ତିଷ୍କରୁ ଆତଙ୍କବାଦ ଚିନ୍ତାଧାରା ସୃଷ୍ଟି ହେଲା ସେବେଠାରୁ କଶ୍ମୀର ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ପାଲଟିଗଲା । ୩୭୦ ଧାରାର ଉଚ୍ଛେଦ ହୋଇନଥାନ୍ତା ଏବଂ ସେନା ଓ ସ୍ଥାନୀୟ ପୋଲିସ ସୁଦୃଢ଼ ପଦକ୍ଷେପ ନେଇପାରିନଥାନ୍ତେ ତା'ହେଲେ ଏବେବି କଶ୍ମୀର ଭୂଖଣ୍ଡରେ ପ୍ରତି ମୁହୂର୍ତ୍ତରେ ହତ୍ୟାକାଣ୍ଡ, ପୋଡ଼ାଜଳା ଓ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥାନ୍ତା । କେବଳ ଶାନ୍ତ ପରିବେଶ ନୁହେଁ ବର୍ତ୍ତମାନ କଶ୍ମୀର ଆର୍ଥିକ, ସାମାଜିକ, ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି କରୁଥିବାର ଦୃଷ୍ଟି ଗୋଚର ହେଉଛି । ଶିକ୍ଷା କ୍ଷେତ୍ରରେ ମଧ୍ୟ ଏବେ ଅଗ୍ରଗତି ଦେଖିବାକୁ ମିଳୁଛି । ଯେଉଁ ସ୍କୁଲ କଲେଜ ବର୍ଷ ବର୍ଷ ଧରି ଖୋଲୁନଥିଲା ସେହି ସ୍କୁଲ କଲେଜରେ ଏବେ ଉପସ୍ଥାନ ସଂଖ୍ୟା ବଢ଼ିବାରେ ଲାଗିଛି । କେବଳ ସେତିକି ନୁହେଁ କଶ୍ମୀରର ଯୁବକ ଯୁବତୀ ଜାତୀୟ ସ୍ତରରେ ଶିକ୍ଷା କ୍ଷେତ୍ରରେ ବିଗତ ଦୁଇ ବର୍ଷ ମଧ୍ୟରେ ଅନେକ ଉଲ୍ଲେଖନୀୟ ଅଗ୍ରଗତି କରିଥିବାର ଦୃଷ୍ଟିଗୋଚର ହେଉଛି। ଏଥିରେ ଦ୍ୱିମତ ନାହିଁ ଯେ ଏବେବି କେଉଁଠି ନା କେଉଁଠି ଅନୁପ୍ରବେଶ ଅଳ୍ପେ ବହୁତେ ହେଉଛି ସତ, ଆତଙ୍କବାଦୀମାନେ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ସାଧନା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଛନ୍ତି ସତ କିନ୍ତୁ ସେମାନଙ୍କୁ ମୁହଁତୋଡ଼ ଜବାବ ଦିଆଯାଉଛି । ଯାହାଫଳରେ ଆତଙ୍କବାଦୀମାନେ ମଧ୍ୟ କଶ୍ମୀର ଭୂଖଣ୍ଡକୁ ଆସିବାପାଇଁ ଏବେ ଭୟଭୀତ ମନେକଲେଣି । କଶ୍ମୀରରେ ଆତଙ୍କବାଦର ପ୍ରଚାର ପାଇଁ ପାକିସ୍ତାନର ପଦକ୍ଷେପ କାହାକୁ ଅଛପା ନାହିଁ । ଜେନେରାଲ ଜିଆଉଲ୍ ହକ୍‌ଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଛି । କିନ୍ତୁ ପୂର୍ବରୁ ବେଧଡ଼କ କଶ୍ମୀରକୁ ଆତଙ୍କବାଦୀମାନଙ୍କୁ ତାଲିମ୍ ଦେଇ ପଠାଉଥିବା ପାକିସ୍ତାନ ଏବେ ତା'ର ମନ୍ଦ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା କାଠିକର ପାଠ ହେଉଛି । ତାହା କେବଳ ସମ୍ଭବ ହୋଇଛି ଭାରତ ସେନାର ଦୃଢ଼ ପଦକ୍ଷେପ ଏବଂ ବିଗତ ବର୍ଷର କେନ୍ଦ୍ର ସରକାରଙ୍କ ଦ୍ୱାରା ଧାରା ୩୭୦ର ଉଚ୍ଛେଦ ଯୋଗୁ । ଜମ୍ମୁ-କଶ୍ମୀରରେ ରହି ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ନେତାମାନଙ୍କ ବିରୋଧରେ ଯେଉଁ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା ତାହାଦ୍ୱାରା ଆତଙ୍କବାଦୀମାନେ ଏବେ କଶ୍ମୀରରେ ପଥଭ୍ରଷ୍ଟ ହୋଇସାରିଲେଣି । ଏସବୁ ସମ୍ଭବପର ହୋଇଛି କେନ୍ଦ୍ର ସରକାରଙ୍କ ଯୋଗୁ । ଯେଉଁମାନେ ଦିନେ ଏହାକୁ ବିରୋଧ କରୁଥିଲେ ସେମାନେ ମଧ୍ୟ ହୃଦ୍‌ବୋଧ କଲେଣି ଯେ ଯେପର୍ଯ୍ୟନ୍ତ ଧାରା ୩୭୦ ରହିଥାନ୍ତା ସେପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ଏକ ଅଶାନ୍ତ ଅଞ୍ଚଳ ହୋଇରହିଥାନ୍ତା ଏବଂ ଭାରତରେ ଆତଙ୍କବାଦର ପ୍ରସାର ନେଇ ପାକିସ୍ତାନର ଉଦ୍ୟମ ସଫଳ ହୋଇଥାନ୍ତା ।

# କେଟ୍ ଉଇନ୍ସଲେଟ୍‌ଙ୍କ ଅଭିନୟର ସୂକ୍ଷ୍ମତା ଉନ୍ମୋଚନ କରୁଥିବା ୩ଟି ଚଳଚ୍ଚିତ୍ର



କଳ୍ପନା ପାଣ୍ଡେ
ମୋ-୯୦୮୨୫୬୭୪୩୧୫
Kalpana281083@gmail.com

କେଟ୍ ଉଇନ୍ସଲେଟ୍‌ଙ୍କ ଚଳଚ୍ଚିତ୍ର ଯାତ୍ରା କଳାତ୍ମକ ବିବିଧତା ଏବଂ ବ୍ୟବସାୟିକ ଝୁଙ୍କି ନେବାର ଏକ ସୁନ୍ଦର ଉଦାହରଣ। ୧୯୯୪ ମସିହାର ହେଭେନଲି କ୍ରିଏଚର୍ସ ଚଳଚ୍ଚିତ୍ର ସହିତ ଡେବ୍ୟୁ କରି, ସେ ନିଜ କ୍ୟାରିୟରରେ ନିର୍ଭୟରେ ଚ୍ୟାଲେଞ୍ଜିଂ ଚଳଚ୍ଚିତ୍ର ବାଛିଲେ। ଏହି ଚଳଚ୍ଚିତ୍ରଗୁଡ଼ିକରେ ଉଇନ୍ସଲେଟ୍ କେବଳ ଅଭିନୟ କରୁନଥିଲେ, ବରଂ ସେ ସେହି ଚରିତ୍ରଗୁଡ଼ିକୁ ପ୍ରକୃତରେ ଜୀବନ୍ତ କରୁଥିଲେ। ଜେମ୍ସ କ୍ୟାମେରନ୍‌ଙ୍କ ଟାଇଟାନିକ୍ (୧୯୯୭) ଚଳଚ୍ଚିତ୍ରରେ ରୋଜ୍ ଡିଉଇଟ୍ ବୁକାର୍ଟଙ୍କ ରୋମାଣ୍ଟିକ୍ ଏବଂ ଟ୍ରାଜିକ୍ ଭୂମିକା ନିର୍ବାହ କରିବା ପରେ, କେଟ୍ ଉଇନ୍ସଲେଟ୍ ରାତାରାତି ବିଶ୍ୱବ୍ୟାପୀ ଖ୍ୟାତିର ଶିଖରକୁ ପହଞ୍ଚିଗଲେ। ଏହି ଚଳଚ୍ଚିତ୍ର ଭାରତ ସମେତ ଅନେକ ଦେଶରେ ବହୁତ ଲୋକପ୍ରିୟ ହେଲା, ଯେଉଁଠାରେ ସେତେବେଳେ ପର୍ଯ୍ୟନ୍ତ ଇଂରାଜୀ ଚଳଚ୍ଚିତ୍ରଗୁଡ଼ିକ ଏତେ ବଡ଼ ପ୍ରଭାବ ପକାଇନଥିଲେ। ଭାରତୀୟ ଦର୍ଶକଙ୍କ ପାଇଁ, ସେ ପ୍ରଥମ ଏଭଳି ଇଂରାଜୀ ଅଭିନେତ୍ରୀ ହେଲେ, ଯାହାଙ୍କୁ ସେମାନେ ପ୍ରକୃତରେ ହୃଦୟରୁ ପସନ୍ଦ କଲେ। କିନ୍ତୁ, ସେ ଏହି ନୂତନ ଖ୍ୟାତିର ଫାଇଦା ଉଠାଇ କେବଳ ବ୍ଲକବଷ୍ଟର ବ୍ୟାନର ଚଳଚ୍ଚିତ୍ରଗୁଡ଼ିକ ପଛରେ ଦୌଡ଼ିଲେ ନାହିଁ; ବରଂ, ସେ ଛୋଟ, ଅଧିକ ଜଟିଳ ଏବଂ ଚ୍ୟାଲେଞ୍ଜିଂ ଭୂମିକା ବାଛିଲେ, ଯାହା ତାଙ୍କ ମଧ୍ୟରେ ଥିବା ଅଭିନେତ୍ରୀକୁ ନୂତନ ଚ୍ୟାଲେଞ୍ଜିଂ ଭୂମିକା ନିର୍ବାହ କରିବାକୁ ଅନୁମତି ଦେଲା। ଟାଇଟାନିକ୍ ପରେ, ତାଙ୍କ ନାମ ଭାରତରେ ସର୍ବତ୍ର ଟାଇଟାନିକ୍‌ର ନାୟିକା ଭାବରେ ପ୍ରସାରିତ ହେଲା ଏବଂ ତାଙ୍କ ଭାବପ୍ରବଣ ଏବଂ ସତ୍ୟନିଷ୍ଠ ଅଭିନୟ ହେତୁ, ବିଶେଷକରି ସହରର ଯୁବକ ଏବଂ ସିନେମା ପ୍ରେମୀମାନଙ୍କ ମଧ୍ୟରେ, ସେ ଅତ୍ୟନ୍ତ ଲୋକପ୍ରିୟ ହେଲେ। ପରେ, ଷ୍ଟ୍ରିମିଂ ପ୍ଲାଟଫର୍ମ ଏବଂ ଚଳଚ୍ଚିତ୍ର ମହୋତ୍ସବଗୁଡ଼ିକ ତାଙ୍କ ସୂକ୍ଷ୍ମ ଏବଂ ତୀବ୍ର ଭୂମିକାଗୁଡ଼ିକୁ ବିଶ୍ୱବ୍ୟାପୀ ସ୍ୱୀକୃତି ପ୍ରଦାନ କଲା; ଇଟର୍ଣ୍ଣାଲ ସନସାଇନ ଅଫ ଦ ସ୍ପଟଲେସ ମାଇଣ୍ଡ, ଦ ରିଡର ଏବଂ ଷ୍ଟିଭ ଜବସ ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ତାଙ୍କୁ ଶିକ୍ଷାବିତ୍, କଳାକାର ଏବଂ ଚଳଚ୍ଚିତ୍ର ପ୍ରେମୀମାନଙ୍କ ମନରେ ଏକ ବିଶେଷ ସ୍ଥାନ ପ୍ରଦାନ କଲା। ଆଜି, ଭାରତରେ ତାଙ୍କ ଉତ୍ତରାଧିକାର କେବଳ ସୌନ୍ଦର୍ଯ୍ୟ କିମ୍ବା ଷ୍ଟାରଡମ ପାଇଁ ନୁହେଁ, ବରଂ ତାଙ୍କ ଚୟନଶୀଳ ଭୂମିକା ଏବଂ ସତ୍ୟନିଷ୍ଠତା ପାଇଁ ସମ୍ମାନରେ ସ୍ମରଣ କରାଯାଏ। ଭାରତୀୟ ପରଦାରେ, ଟାଇଟାନିକ୍ ବହୁତ ସଫଳ ହେଲା, ଦ ରିଡର ଭଳି ଚଳଚ୍ଚିତ୍ରଗୁଡ଼ିକ ମହୋତ୍ସବରେ ପ୍ରଦର୍ଶିତ ହେଲା ଏବଂ ତାଙ୍କ ସାକ୍ଷାତକାର ତଥା ପୁରସ୍କାର ସମାରୋହର ଭାଷଣଗୁଡ଼ିକ ଭାରତୀୟ ଇଉଟ୍ୟୁବ ଚ୍ୟାନେଲଗୁଡ଼ିକରେ ବ୍ୟାପକଭାବେ ଦେଖାଯାଏ। ବର୍ନାର୍ଡ ଶ୍ଲିଙ୍କଙ୍କ ଉପନ୍ୟାସ ଉପରେ ଆଧାରିତ ଏବଂ ଷ୍ଟିଫେନ ଡାଲଡ୍ରିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଦ ରିଡର (୨୦୦୮) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ ଘଟିଥିବା ଏକ ଯନ୍ତ୍ରଣାଦାୟକ ଘଟଣା। ୧୫ ବର୍ଷ ବୟସରେ, ମାଇକେଲ୍ ନାମକ ଜଣେ ଯୁବକ ୩୦ ବର୍ଷୀୟ ଏକାକୀ ମହିଳା ହାନା ସ୍କ୍ମିଟର (ଉଇନ୍ସଲେଟ୍) ସହିତ ବନ୍ଧୁତା କରି ଶାରୀରିକ ଭାବେ ନିକଟତର ହୁଏ। ଉଭୟେ ପରସ୍ପର ସହ ଅଭ୍ୟସ୍ତ ହୋଇଯାନ୍ତି। ନିୟମିତ ସାକ୍ଷାତରେ, ହାନା ୧୫ ବର୍ଷୀୟ ମାଇକେଲ୍‌ଙ୍କୁ ପୁସ୍ତକ ଦେଇ ଉଚ୍ଚସ୍ୱରରେ ପଢ଼ିବାକୁ ଅନୁରୋଧ କରେ। ଏହିପରି ଅନେକ ଦିନ ଚାଲିଥିବା ବେଳେ, ସେ ହଠାତ୍ ଅଦୃଶ୍ୟ ହୋଇଯାଏ ଏବଂ ସେମାନଙ୍କର ସମ୍ପର୍କ ତୁରନ୍ତ ଶେଷ ହୋଇଯାଏ। ଅନେକ ବର୍ଷ ପରେ, ଆଇନ ଛାତ୍ର ଥିବା ମାଇକେଲ୍ ଯୁଦ୍ଧାପରାଧ ମାମଲାରେ କୋର୍ଟରେ ଉପସ୍ଥିତ ଥିବାବେଳେ ଆଘାତ ପାଇଥାଏ, କାରଣ ହାନାଙ୍କୁ ଜଣେ ନାଜୀ ସୁରକ୍ଷା ପ୍ରହରୀ ଭାବରେ ଅଭିଯୁକ୍ତ କରି ଉପସ୍ଥାପିତ କରାଯାଇଥିଲା, ଯିଏ ଶତାଧିକ ବନ୍ଦୀଙ୍କୁ ଅଗ୍ନିରେ ମରିବାକୁ ଛାଡ଼ିଥିଲା। ଚଳଚ୍ଚିତ୍ରଟି ଦୁଇଟି ସମୟକାଳରେ ଉନ୍ମୋଚିତ ହୁଏ – ୧୯୫୦ ଦଶକର ଉତ୍ସାହପୂର୍ଣ୍ଣ, ଅବୈଧ ପ୍ରେମ ଏବଂ ୧୯୬୦ ଦଶକର କୋର୍ଟ ତଦନ୍ତ; ଏବଂ ହାନାଙ୍କର ଅଶିକ୍ଷା, ଯାହା ସେ କଠୋରଭାବେ ଲୁଚାଇ ରଖିଥିଲେ, ତାଙ୍କର ବ୍ୟକ୍ତିତ୍ୱ ଉନ୍ମୋଚିତ ହେବାବେଳେ ମାଇକେଲ୍ (ଏବଂ ଦର୍ଶକ) ତାଙ୍କର ଜଟିଳତାକୁ ବୁଝିପାରନ୍ତି ଏବଂ ଅନୁଭବ କରନ୍ତି। କାରାଗାରରେ, ହାନା ପଢ଼ିବା ଶିଖେ ଏବଂ ମାଇକେଲ୍ ତାଙ୍କୁ ପଢୁଥିବା ଟେପ୍ ପଠାଏ, ଯାହା ଦ୍ୱାରା ସେମାନଙ୍କର ସମ୍ପର୍କ ଶାନ୍ତଭାବେ ପୁନର୍ଜୀବିତ ହୁଏ। ଏହି କାହାଣୀ ଅପରାଧ, ଲଜ୍ଜା ଏବଂ ହୋଲୋକଷ୍ଟର ପିଢ଼ିର କ୍ଷତଗୁଡ଼ିକ ସହିତ ସଂଘର୍ଷ କରେ। ଉଇନ୍ସଲେଟ୍‌ଙ୍କ ଦ୍ୱାରା ନିର୍ବାହିତ ହାନା ସ୍କ୍ମିଟରଙ୍କ ଭୂମିକା ଏକ ପ୍ରଭାବଶାଳୀ ପ୍ରଦର୍ଶନ – ଏକ ଚରିତ୍ର ଯାହା ଏକାସମୟରେ ଘୃଣାସ୍ପଦ ଏବଂ ଦୟନୀୟ। ସେ ଚଳଚ୍ଚିତ୍ରରେ ଏକ ରହସ୍ୟମୟ ବ୍ୟକ୍ତି ଭାବରେ ଡେବ୍ୟୁ କରନ୍ତି; ତାଙ୍କର କଠୋର ଭଙ୍ଗୀ ଏବଂ କଠିନ ଭାଷାର ବ୍ୟବହାର ଜଣେ ସଶସ୍ତ୍ର, ବିଶ୍ୱରୁ ପୃଥକ୍ ଥିବା ମହିଳାକୁ ଚିତ୍ରିତ କରେ। ଯେତେବେଳେ ତାଙ୍କର



ମାଇକେଲ୍‌ଙ୍କ ସହିତ ସମ୍ପର୍କ ଗଭୀର ହୁଏ, ତାଙ୍କର ହସରେ ଲୁଚିଥିବା ମାନବୀୟ ସଂବେଦନଶୀଳତା ପ୍ରକାଶ ପାଏ। କୋର୍ଟ ଦୃଶ୍ୟରେ ତାଙ୍କର ଅଭିନୟ ବିଶେଷଭାବେ ପ୍ରମୁଖ – ଯେତେବେଳେ ହାନାଙ୍କର ଅଶିକ୍ଷା ଉନ୍ମୋଚିତ ହୁଏ ଏବଂ ସେ ନିଜ ମିଥ୍ୟା ରିପୋର୍ଟଗୁଡ଼ିକୁ ଚ୍ୟାଲେଞ୍ଜ କରିବାକୁ ମନା କରନ୍ତି, ତେବେ ଉଇନ୍ସଲେଟ୍‌ଙ୍କ ମୁଖ ଲଜ୍ଜା ଏବଂ ଅବାଧ୍ୟତାରେ ପରିବର୍ତ୍ତିତ ହୁଏ, ଯାହାଦ୍ୱାରା ଶବ୍ଦଠାରୁ ଅଧିକ ବଡ଼ ସନ୍ଦେଶ ମିଳେ। ପରେ କାରାଗାରରେ, ତାଙ୍କର ବୃଦ୍ଧ ରୂପ ଏବଂ ମାଇକେଲ୍‌ଙ୍କଠାରୁ ପଠାଯାଇଥିବା ଶାନ୍ତ ଟେପ୍‌ଗୁଡ଼ିକ ତାଙ୍କର ଅତୀତ ସହିତ ସଂଘର୍ଷର ପ୍ରତୀକ ହୋଇଯାଏ। ଉଇନ୍ସଲେଟ୍ ହାନାଙ୍କୁ ଏତେ ମାନବୀୟ ପଦ୍ଧତିରେ ଚିତ୍ରିତ କରିଛନ୍ତି ଯେ, ୨୦୦୯ ମସିହାରେ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପାଇଁ ଓସ୍କାର ମିଳିଲା, ଯାହା ତାଙ୍କର ନୈତିକଭାବେ କଠିନ ବିଷୟଗୁଡ଼ିକୁ ନେଭିଗେଟ୍ କରିବାର ଦକ୍ଷତାକୁ ପ୍ରମାଣିତ କଲା। ଏହି ଭୂମିକା ପାଇଁ ସେ କଠୋର ପରିଶ୍ରମ କରିଥିଲେ – ବୃଦ୍ଧ ମହିଳାଙ୍କ ଆଚରଣର ଅଧ୍ୟୟନ କରି ହାନାଙ୍କୁ ବୟସ ଅନୁସାରେ ଚିତ୍ରିତ କରିଥିଲେ ଏବଂ ଜର୍ମାନ ଉଚ୍ଚାରଣରେ ଦକ୍ଷତା ହାସଲ କରିଥିଲେ, ଯାହା ତାଙ୍କର ଚିତ୍ରଣକୁ ପ୍ରକୃତ ପରିଚୟ ପ୍ରଦାନ କଲା। ସେ ହୋଲୋକଷ୍ଟର ସାକ୍ଷୀଙ୍କ ଅଧ୍ୟୟନ କରି ହାନାଙ୍କ ମାନସିକତାର ଅନୁସନ୍ଧାନ କରିଥିଲେ ଏବଂ ଐତିହାସିକ ସନ୍ଦର୍ଭ ଏବଂ ବ୍ୟକ୍ତିଗତ ମନୋବିଜ୍ଞାନିକ ଦିଗଗୁଡ଼ିକର ସନ୍ତୁଳନ ସାଧିଥିଲେ। କେଟ୍‌ଙ୍କ ରିଭୋଲ୍ୟୁଶନାରୀ ରୋଡ୍ ଚଳଚ୍ଚିତ୍ର ଉପନଗରୀୟ ନିରାଶାର ଚିତ୍ରଣ କରେ। ସାମ୍ ମେଣ୍ଡେସ୍‌ଙ୍କ ନିର୍ଦ୍ଦେଶନାରେ ଏବଂ ରିଚାର୍ଡ ଇୟେଟ୍ସଙ୍କ ୧୯୬୧ ମସିହାର ଉପନ୍ୟାସ ଉପରେ ଆଧାରିତ, ଏହା ୧୯୫୦ ଦଶକର ନଗରୀୟ ଜଟିଳ ପରିବେଶରେ ଫ୍ରାଙ୍କ ଏବଂ ଏପ୍ରିଲ ଉଇଲର ନାମକ ସ୍ୱାମୀ-ସ୍ତ୍ରୀଙ୍କ ଅସନ୍ତୁଷ୍ଟ ଜୀବନ ଉପରେ ଆଲୋକପାତ କରେ। ଫ୍ରାଙ୍କ (ଡିକାପ୍ରିଓ) ଏକ କାର୍ଯ୍ୟାଳୟ ଚାକିରିରେ କାମ କରନ୍ତି, ଅପରପକ୍ଷେ ଏପ୍ରିଲ (ଉଇନ୍ସଲେଟ୍), ଜଣେ ପୂର୍ବତନ ଅଭିନେତ୍ରୀ, ଗୃହିଣୀର ଭୂମିକାରେ ଆବଦ୍ଧ ହୋଇଥିବା ଅନୁଭବ କରନ୍ତି। ଅଧିକ ସମୃଦ୍ଧ ଏବଂ ସୁଖୀ ଜୀବନର ସ୍ୱପ୍ନ ପାଇଁ, ଏପ୍ରିଲ ପ୍ୟାରିସ୍‌କୁ ଯିବାର ପ୍ରସ୍ତାବ ଦିଅନ୍ତି, ଯାହା ପ୍ରାରମ୍ଭରେ ଫ୍ରାଙ୍କ ସ୍ୱୀକାର କରନ୍ତି; କିନ୍ତୁ ପରେ ସାମାଜିକ ଚାପ ହେତୁ ସେ ପରିବର୍ତ୍ତନ କରନ୍ତି। ଏହାଦ୍ୱାରା ସେମାନଙ୍କର ବିବାହରେ ବିସ୍ଫୋରକ ବିତର୍କ ଏବଂ ଅକଥିତ କ୍ରୋଧ ଅନ୍ତର୍ଭୁକ୍ତ ହୋଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୂରତା ସୃଷ୍ଟି ହୁଏ। ଯାହାର ଶେଷ ଏପ୍ରିଲଙ୍କ ତୃତୀୟ ଗର୍ଭଧାରଣକୁ ଅଟକାଇବାର ହତାଶ ପ୍ରୟାସରେ ହୁଏ – ଏହି ନିଷ୍ପତ୍ତି ତାଙ୍କର ମୃତ୍ୟୁର କାରଣ ହୋଇଯାଏ। ଚଳଚ୍ଚିତ୍ରଟି ଫ୍ରାଙ୍କଙ୍କ ନିଜର ଶୂନ୍ୟ ମନୋଭାବରେ ପଛକୁ ହଟିବା ସହିତ ଶେଷ ହୁଏ। ରିଭୋଲ୍ୟୁଶନରୀ ରୋଡ୍ ଆମେରିକୀୟ ସ୍ୱପ୍ନର ତୀବ୍ର ସମାଲୋଚନା ଏବଂ ମଧ୍ୟ ଶତାବ୍ଦୀର ଆଶାବାଦର ତଳେ ଥିବା ଦୁର୍ବଳତାକୁ ଉନ୍ମୋଚନ କରେ। ଏପ୍ରିଲ ଉଇଲର ଭାବରେ, ଉଇନ୍ସଲେଟ୍ ଅବିରତ ତୀବ୍ରତାର ଅଭିନୟ ପ୍ରଦର୍ଶନ କରିଛନ୍ତି। ଆରମ୍ଭରୁ ହିଁ, ସେ ଏପ୍ରିଲଙ୍କୁ ଏଭଳି ମହିଳା ଭାବରେ ଚିତ୍ରିତ କରନ୍ତି, ଯାହାଙ୍କର ଉଜ୍ଜ୍ୱଳ ହସରେ ଲୁଚିଥିବା ନିରାଶା ଏବଂ ଅସନ୍ତୋଷ ରହିଛି। ଉଇନ୍ସଲେଟ୍‌ଙ୍କ ଶରୀର ଭାଷା ଏପ୍ରିଲଙ୍କର ଅସ୍ଥିର ଚାଲ ଏବଂ ମନର ମୁଠାରେ ତାଙ୍କର ଘରୋଇ କାରାଗାରରେ ଆବଦ୍ଧ ହେବାର ଭାବନାକୁ ପ୍ରକାଶ କରେ। ଏହି ଚଳଚ୍ଚିତ୍ରର ସବୁଠାରୁ ରୋମାଞ୍ଚକର ମୁହୂର୍ତ୍ତଗୁଡ଼ିକ ଫ୍ରାଙ୍କଙ୍କ ସହିତ ବିତର୍କରେ ଦେଖାଯାଏ, ଯେଉଁଠାରେ ଉଇନ୍ସଲେଟ୍ କ୍ରୋଧ ଏବଂ ଦୁଃଖର ଭାବନାଗୁଡ଼ିକୁ ମୁକ୍ତଭାବେ ପ୍ରକାଶ କରିଛନ୍ତି। ତାଙ୍କର ଗର୍ଭପାତ ନିଷ୍ପତ୍ତି ଏବଂ କାର୍ଯ୍ୟ ମନକୁ ସ୍ତବ୍ଧ କରିଦେଇଥାଏ। ଉଇନ୍ସଲେଟ୍ ଏପ୍ରିଲଙ୍କର ଶାନ୍ତ ଦୃଢ଼ନିଶ୍ଚୟ ଏବଂ ତାପରେ ଯନ୍ତ୍ରଣାକୁ ସୀମିତ ସଂଭାଷଣ ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଡିକାପ୍ରିଓଙ୍କ ସହିତ ତାଙ୍କର ରସାୟନ, ଯାହା ପୂର୍ବରୁ ଟାଇଟାନିକର ସହଯୋଗ ସହିତ ମେଳ ଖାଏ, ସେମାନଙ୍କର ଭାଙ୍ଗିଯାଉଥିବା ସମ୍ପର୍କର ସତ୍ୟତାକୁ ଉଜ୍ଜ୍ୱଳ କରେ। ଉଇନ୍ସଲେଟ୍‌ଙ୍କ ଏହି ଭୂମିକା ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପାଇଁ ଗୋଲ୍ଡେନ ଗ୍ଲୋବ ମିଳିଛି। ଟାଇଟାନିକ୍, ଦ ରିଡର, ଏବଂ ରିଭୋଲ୍ୟୁଶନରୀ ରୋଡ୍ ଚଳଚ୍ଚିତ୍ରଗୁଡ଼ିକର କାହାଣୀଗୁଡ଼ିକର ତୁଳନା କଲେ ଦେଖାଯାଏ ଯେ, ପ୍ରତ୍ୟେକ କାହାଣୀ ଭିନ୍ନ ଦୃଷ୍ଟିକୋଣରୁ ମାନବୀୟ ସମ୍ପର୍କ, ପରିବର୍ତ୍ତନ ଏବଂ ସାମାଜିକ ଅସୁବିଧାର ପ୍ରତିଫଳନ ଉପସ୍ଥାପନ କରେ।

ଟାଇଟାନିକ୍ ଏକ ଐତିହାସିକ ପ୍ରେମକାହାଣୀ, ଯାହାର ପଟ୍ଟଭୂମିରେ ବିପର୍ଯ୍ୟୟ ରହିଛି; ରୋଜ୍‌ଙ୍କର ଦମିତ ସମାଜବାଦୀ ଦୃଷ୍ଟିକୋଣରୁ ସ୍ୱାଧୀନତା ଅନୁଭବ କରିଥିବା ବ୍ୟକ୍ତି ପର୍ଯ୍ୟନ୍ତ ପରିବର୍ତ୍ତନର ଏହି କାହାଣୀ ନୋଷ୍ଟାଲଜିକ ପୁନରାବୃତ୍ତି ମାଧ୍ୟମରେ ଉପସ୍ଥାପିତ, ଯେଉଁଠାରେ ଶ୍ରେଣୀ, ସ୍ୱାଧୀନତା ଏବଂ ଏହି ପ୍ରବଳ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷେ, ଦ ରିଡରର ଏକ ଅନ୍ତରଙ୍ଗ ଚଳଚ୍ଚିତ୍ର, ଯାହା ହାନା ଏବଂ ମାଇକେଲ୍‌ଙ୍କ ସମ୍ପର୍କର ବ୍ୟକ୍ତିଗତ ଏବଂ ନୈତିକ ପରିଣାମ ଉପରେ କେନ୍ଦ୍ରୀତଏହାର ଅସମରେଖୀୟ କାହାଣୀ ଅତୀତର ପ୍ରେମ ଏବଂ ବର୍ତ୍ତମାନର ପରିଣାମଗୁଡ଼ିକୁ ଏକତ୍ର କରେ ଏବଂ ଅପରାଧ, ସାକ୍ଷରତା ଏବଂ ହୋଲୋକଷ୍ଟର ଉତ୍ତରାଧିକାରର ବିଷୟଗୁଡ଼ିକ ଦ୍ୱାରା କାହାଣୀକୁ ଚାଳନା ଦେଇ ଦର୍ଶକଙ୍କୁ ଅସ୍ୱସ୍ତିକର ପ୍ରଶ୍ନ ଉପସ୍ଥାପନ କରେ। ତା'ପରେ, ରିଭୋଲ୍ୟୁଶନରୀ ରୋଡ୍ ଏକ ଘରୋଇ ଶୋକାନ୍ତିକା, ଯାହା ଏକ ଦମ୍ପତିର ଉନ୍ମୋଚିତ କାହାଣୀ ଉପରେ ଆଧାରିତ; ଏହାର ରେଖୀୟ ଏବଂ ସଙ୍କୋଚନକାରୀ କାହାଣୀ ଫ୍ରାଙ୍କ ଏବଂ ଏପ୍ରିଲଙ୍କ ଆଶାରୁ ନିରାଶା ପର୍ଯ୍ୟନ୍ତ ଅଧଃପତନର ଅନୁସରଣ କରେ, ଯେଉଁଠାରେ ଅନୁରୂପତା, ଅପୂର୍ଣ୍ଣ ସ୍ୱପ୍ନ ଏବଂ ଲିଙ୍ଗ ଭୂମିକା ଭଳି ବିଷୟଗୁଡ଼ିକ ସାମାଜିକ ଭ୍ରମନିରାସର ସୂକ୍ଷ୍ମ ଚିତ୍ରଣ ଉପସ୍ଥାପନ କରେ। ଏମାନଙ୍କ ଭିନ୍ନତା ସତ୍ତ୍ୱେ, ଏହି ତିନୋଟି ଚଳଚ୍ଚିତ୍ରରେ ମହିଳାମାନଙ୍କର ଆବଦ୍ଧ ପରିସ୍ଥିତି ଉପରେ ଧ୍ୟାନ କେନ୍ଦ୍ରୀତ କରାଯାଇଛି – ଯେପରି ଟାଇଟାନିକରେ ରୋଜ୍‌ଙ୍କ, ଦ ରିଡରରେ ହାନାଙ୍କ ଏବଂ ରିଭୋଲ୍ୟୁଶନରୀ ରୋଡରେ ଏପ୍ରିଲଙ୍କ ପରିସ୍ଥିତି – ଏବଂ ପ୍ରତ୍ୟେକ କାହାଣୀ ମୁକ୍ତିର ପ୍ରୟାସର ଅନୁସନ୍ଧାନ କରେ: ରୋଜ୍ ଜ୍ୟାକ୍ ମାଧ୍ୟମରେ, ହାନା ସାକ୍ଷରତା ମାଧ୍ୟମରେ ଏବଂ ଏପ୍ରିଲ ତାଙ୍କ ପ୍ୟାରିସ୍‌ର ସ୍ୱପ୍ନ ମାଧ୍ୟମରେ। ଉଇନ୍ସଲେଟ୍‌ଙ୍କ ଚରିତ୍ରଗୁଡ଼ିକୁ ପରିଚୟ, ସ୍ୱାୟତ୍ତତା ଏବଂ ସାମାଜିକ ଆଶା ସହିତ ସଂଘର୍ଷ କରିବାକୁ ପଡ଼େ, ଯାହା ତାଙ୍କ ଅଭିନୟକୁ ଏହି କାହାଣୀଗୁଡ଼ିକ ପାଇଁ ଏକ ଆଦର୍ଶ ମାଧ୍ୟମ ଭାବରେ ପ୍ରମାଣିତ କରେ। ଉଇନ୍ସଲେଟ୍‌ଙ୍କ ଅଭିନୟ ଦକ୍ଷତା ବହୁମୁଖୀତ୍ୱର ଏକ ମାଷ୍ଟରକ୍ଲାସ ଭାବରେ ପରିଚିତ। ତାଙ୍କର ଭାବନାତ୍ମକ ସତ୍ୟତା ଏହାର ମୁଖ୍ୟ ବୈଶିଷ୍ଟ୍ୟ; ଟାଇଟାନିକରେ ରୋଜ୍‌ଙ୍କ ଦୁଃଖ ଅତ୍ୟନ୍ତ ତୀବ୍ରତାର ସହିତ ପ୍ରକାଶ ପାଏ, ଦ ରିଡରରେ ହାନାଙ୍କ ଲଜ୍ଜା ସ୍ପଷ୍ଟ ଦେଖାଯାଏ ଏବଂ ରିଭୋଲ୍ୟୁଶନରୀ ରୋଡରେ ଏପ୍ରିଲଙ୍କ ନିରାଶା ଗଭୀରଭାବେ ଅନୁଭୂତ ହୁଏ। ସେ ନାଟକୀୟତା ଏବଂ ଅତିପ୍ରଦର୍ଶନ ଅପେକ୍ଷା ଚରିତ୍ରର ସୂକ୍ଷ୍ମତାକୁ ପ୍ରାଧାନ୍ୟ ଦିଅନ୍ତି ଏବଂ ଚରିତ୍ରଗୁଡ଼ିକର ଆନ୍ତରିକ ଭାବନାକୁ ସ୍ୱାଭାବିକ ଭାବରେ ଉନ୍ମୋଚନ କରନ୍ତି। ତାଙ୍କର ଶାରୀରିକତା ଏବଂ ଅଭିବ୍ୟକ୍ତି ମଧ୍ୟ ଅପୂର୍ବ; ତାଙ୍କ ଶରୀର ଭାଷାର ସଠିକ୍ ବ୍ୟବହାର ରୋଜ୍‌ଙ୍କ ବିକଶିତ ଭଙ୍ଗୀ ମାଧ୍ୟମରେ ମୁକ୍ତିର ଚିତ୍ରଣ କରେ, ହାନାଙ୍କ କଠୋରତା ମାଧ୍ୟମରେ ତାଙ୍କ ଦୁର୍ବଳତାକୁ ଲୁଚାଇ ରଖେ ଏବଂ ଏପ୍ରିଲଙ୍କ ତନାବ ମାଧ୍ୟମରେ ତାଙ୍କ ଅସ୍ୱସ୍ତିର ସୂଚନା ଦିଏ। ଉଇନ୍ସଲେଟ୍‌ଙ୍କ ଅଭିବ୍ୟକ୍ତିର ବିଶେଷ ବୈଶିଷ୍ଟ୍ୟ ହେଉଛି ତାଙ୍କ ଆଖି, ଯେଉଁଠାରେ ଅନେକ ସମୟରେ ଶବ୍ଦଠାରୁ ଅଧିକ କହିବାର କ୍ଷମତା ପ୍ରତିଫଳିତ ହୁଏ। ତାଙ୍କର ସ୍ୱର ନିୟନ୍ତ୍ରଣ, ଅର୍ଥାତ୍ ପ୍ରତ୍ୟେକ ଭୂମିକା ପାଇଁ ଉପଯୁକ୍ତ ସ୍ୱରର ବ୍ୟବହାର – ରୋଜ୍ ପାଇଁ ଉଚ୍ଚଭୂ, ହାନା ପାଇଁ ଜର୍ମାନ ଉଚ୍ଚାରଣରେ କଠୋରତା ଏବଂ ଏପ୍ରିଲ ପାଇଁ ତନାବପୂର୍ଣ୍ଣ ତୀକ୍ଷ୍ଣତା – ତାଙ୍କ ଚରିତ୍ରଗୁଡ଼ିକୁ ଆହୁରି ବିଶ୍ୱସନୀୟ ଏବଂ ଭାବନାତ୍ମକ କରି ତୋଳେ। ତାଙ୍କର ପରିଶ୍ରମ ଅତ୍ୟନ୍ତ ପ୍ରଶଂସନୀୟ; ଟାଇଟାନିକ୍ ପାଇଁ ସେ ବରଫାଚ୍ଛାଦିତ ପାଣିର ସାମ୍ନା କରିଥିଲେ, ଦ ରିଡର ପାଇଁ ହୋଲୋକଷ୍ଟ ବିଷୟରେ ପଢ଼ିଥିବା କାହାଣୀଗୁଡ଼ିକୁ ବୁଝିଥିଲେ ଏବଂ ରିଭୋଲ୍ୟୁଶନରୀ ରୋଡ୍ ପାଇଁ ୧୯୫୦ ଦଶକର ଲିଙ୍ଗ ଗତିଶୀଳତାର ବାରିକ୍ ଅଧ୍ୟୟନ କରିଥିଲେ। ଅନ-ସ୍କ୍ରିନ ରସାୟନ ବିଷୟରେ କହିବାକୁ ଗଲେ, ସେ ଡିକାପ୍ରିଓଙ୍କ ସହିତ ଦୁଇଟି ଚଳଚ୍ଚିତ୍ରରେ ଏବଂ ଦ ରିଡରରେ କ୍ରସ୍‌ଙ୍କ ସହିତ କାର୍ଯ୍ୟଦକ୍ଷତା ଦେଖାଇ ତାଙ୍କର ପ୍ରଭାବକୁ ଆହୁରି ସୁଦୃଢ଼ କରିଛନ୍ତି, ଯାହା ପ୍ରତ୍ୟେକ କାହାଣୀରେ ତାଙ୍କୁ ଅଧିକ ଉଜ୍ଜ୍ୱଳ କରି ତୋଳେ। ଉଇନ୍ସଲେଟ୍‌ଙ୍କ ବହୁମୁଖୀ କ୍ୟାରିୟର ଏବଂ ତାଙ୍କର ପ୍ରଭାବ ଦର୍ଶକଙ୍କ ଉପରେ ଅତ୍ୟନ୍ତ ଗଭୀର; ସାତଟି ଅସ୍କାର ମନୋନୟନ, ଗୋଟିଏ ବିଜୟ ଏବଂ ଅନ୍ୟାନ୍ୟ ଅନେକ ପୁରସ୍କାର ସହିତ ସେ ସମୀକ୍ଷକଙ୍କର ପ୍ରିୟ ହୋଇପାରିଛନ୍ତି। ତାଙ୍କର ଅନେକ ଉଚ୍ଚମାନର ଚଳଚ୍ଚିତ୍ର ମଧ୍ୟରେ ଏହି ତିନୋଟି ଚଳଚ୍ଚିତ୍ର ତାଙ୍କ ଅଭିନୟ ଦକ୍ଷତା ହେତୁ ଅବିସ୍ମରଣୀୟ ହୋଇ ରହିଛି।

# ଯୁଦ୍ଧଭୂମି–୫



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ଯୁଦ୍ଧର ଆହ୍ୱାନକୁ କଣ କୌଣସି କ୍ଷତ୍ରିୟ ଲଂଘନ କରିପାରେ କେବେ? ପ୍ରିୟ ଶିଷ୍ୟ ହୋଇ ସୁଦ୍ଧା ମୋତେ ଗୁରୁ ପରଶୁରାମଙ୍କ ସହିତ ସେଦିନ ନିଜର ଇଚ୍ଛା ବିରୋଧରେ ଯୁଦ୍ଧ କରିବାକୁ ପଡ଼ିଥିଲା। ହାୟ, ସେଦିନ ମଧ୍ୟ ଭୀଷ୍ମ ଥିଲା ଭାଗ୍ୟହତ ସେହି ଅପରାଜେୟ ବୀରପୁରୁଷ! ଏକବିଂଶବାର ସସାଗରା ମେଦିନୀକୁ ନିଃକ୍ଷତ୍ରିୟ କରିଥିବା ସେହି ମହାକୋପୀ ବ୍ରାହ୍ମଣ ଏହି ବ୍ରହ୍ମଚାରୀ ନିଃସଂଗ କ୍ଷତ୍ରିୟଙ୍କୁ ପରାଜୟର ପରାଭବ ଦେଇପାରିଲେ ନାହିଁ। ସେଦିନ ହେଲେ ଗୁରୁଙ୍କ ପରଶୁ ଆଘାତରେ ଶିଷ୍ୟର ମୃତ୍ୟୁ ଘଟିଥାନ୍ତା! ମୁଁ ତ ଅନ୍ତଃକରଣରେ ଏହାହିଁ କାମନା କରୁଥିଲି। ମାତ୍ର ତାହା କଣ ମତେ ମିଳିପାରିଲା? ସତରେ ତୁମମାନଙ୍କର ଏହି ଦୁର୍ଭାଗା ପିତାମହର ଦୀର୍ଘଜୀବନ ଏକ ଅସମାପ୍ତ ଅଭିଶାପ – ତା' ଜୀବନରେ ନା ପ୍ରେମ ନା ମୃତ୍ୟୁ, ଏଯାବତ୍ କୌଣସିଟିର ପ୍ରାପ୍ତିସ୍ୱୀକାର ହୋଇପାରିଲା ନାହିଁ ... କେବଳ ଯୁଦ୍ଧ, ଯୁଦ୍ଧ, ଯୁଦ୍ଧ ... ସେଦିନ ତାକୁ ଯୁଦ୍ଧରେ ପରାଜିତ କରିନପାରି ପରମଗୁରୁ ପରଶୁରାମ ଫେରିଯାଇଥିଲେ ପୁନରାୟ ତପସାଧନା କରିବାକୁ। କିୟତ୍‌କ୍ଷଣ ନୀରବ ରହି ଭୀଷ୍ମ ଏଥର କୃଷ୍ଣଙ୍କୁ ପ୍ରଣାମ ମୁଦ୍ରାରେ କର ଯୋଡ଼ି କହିଲେ – ଭଗବନ୍! ଆପଣ ତ ଜାଣନ୍ତି ଅମ୍ବାଙ୍କ ପରଜନ୍ମ ବୃତାନ୍ତ। ପୂର୍ବଜନ୍ମରେ ସେ ଆତ୍ମାହୁତି ଦେଇଥିଲେ ମୋର ମୃତ୍ୟୁ କାମନା କରି। ସେଇ ପ୍ରତିଶୋଧର ଭସ୍ମାଚ୍ଛାଦିତ ବହ୍ନି ଏବେ ବି ତାଙ୍କ ଅଭ୍ୟନ୍ତରରେ ପ୍ରଜ୍ୱଳମାନ। ଏବେ ସେ ଦ୍ରୁପଦଙ୍କ ପୁତ୍ର ଶିଖଣ୍ଡୀ ନାମରେ ପୁନର୍ଜନ୍ମ ପ୍ରାପ୍ତ। ମାତ୍ର ସେ ଜାତିସ୍ମରତ। ପୂର୍ବଜନ୍ମର ପ୍ରତିଶୋଧ ତାଙ୍କର ମନେଅଛି। ବାହ୍ୟତଃ ସେ ପୁରୁଷ ରୂପରେ ପ୍ରତୀତ ହେଲେ ମଧ୍ୟ ତାଙ୍କ ସୂକ୍ଷ୍ମସତାରେ ସେ ହେଉଛନ୍ତି ସେଇ ଅନଳଦଗ୍ଧା ଅନ୍ତଃନାରୀ ... ଅମ୍ବା! ପାଣ୍ଡବ ପଞ୍ଚଭ୍ରାତା ହତଚକିତ। ସେମାନେ ପିତାମହଙ୍କ ଶୃଙ୍ଖଳ ମୁଖକୁ ଏକ ଲୟରେ ଚାହିଁ ରହିଥିଲେ କେବଳ।

ପିତାମହ ଶେଷରେ ପ୍ରକାଶ କଲେ – ହଁ, ସେଇ ଶିଖଣ୍ଡୀ ଯଦି ଯୁଦ୍ଧଭୂମିରେ ମୋ ସମ୍ମୁଖରେ ଉଭା ହୋଇପାରନ୍ତେ, ତା'ହେଲେ ମୁଁ ଅସ୍ତ୍ର ବିସର୍ଜନ ନିମନ୍ତେ ବାଧ୍ୟ। ଏହା ହିଁ ଦେବାଧିଦେବ ମହାଦେବଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶନାମା। ଆଉ ଠିକ୍ ସେହି ନିରସ୍ତ୍ର ମୁହୂର୍ତ୍ତରେ ହିଁ ଯଦି ଅର୍ଜୁନ ମୋତେ ତୀର ମାରିପାରିବ, ତେବେ ମୋର ଭୂପତନ ସୁସ୍ଥ। ମାତ୍ର ମୁଁ ଅସ୍ତ୍ରଧାରଣ କରି ପୁନରାୟ ଯୁଦ୍ଧଭୂମିରେ ଆବିର୍ଭୂତ ହେଲେ ମୋତେ ପରାଜୟ ପ୍ରଦାନ କରିବାର ସ୍ପର୍ଦ୍ଧା ପ୍ରଦର୍ଶନ ଏ ମହୀମଣ୍ଡଳରେ କୌଣସି କ୍ଷତ୍ରିୟ ପକ୍ଷରେ ସମ୍ଭବପର ନୁହେଁ। ମୋର ପ୍ରିୟ ପୌତ୍ରଗଣ; ଯାଅ, ଫେରିଯାଅ... ରାତ୍ରି ଏବେ ତୃତୀୟ ପ୍ରହର ପରିକ୍ରମା କରୁଛି ... ଯାଅ, ଆସନ୍ତାକାଲିର ପ୍ରଭାତରେ ମୋତେ ମୃତ୍ୟୁରୂପକ ମୋକ୍ଷ ପ୍ରଦାନ କର...

ତା'ପରେ ଉଭୟ କୃଷ୍ଣ ଓ ଅର୍ଜୁନଙ୍କୁ ଅନାଇ କହିଲେ – ହେ କରୁଣାମୟ କେଶବ, ଶିଖଣ୍ଡୀ ମୋ ସମ୍ମୁଖରେ ଦୃଷ୍ଟିପଥାରୂଢ଼ ହେବା ମାତ୍ରେ ଆପଣ ଅର୍ଜୁନଙ୍କୁ ମୋତେ ଶରାଚ୍ଛାଦିତ କରିବା ନିମନ୍ତେ ଅବିଳମ୍ବେ ନିର୍ଦ୍ଦେଶ ଦେବେ। ଆଉ ଅର୍ଜୁନ, ତୁମେ ଅଶ୍ରୁ ସମ୍ବରଣ କର, ତୁମର ପିତାମହ ତୁମ ଧନୁକରୁ ଏଇ ଶ୍ରେଷ୍ଠ ଉପହାର ଆସନ୍ତାକାଲି ନିମନ୍ତେ ଦାବି କରୁଛି।

ଏଥର କୃଷ୍ଣ ଭୀଷ୍ମଙ୍କୁ ପ୍ରଣାମ କଲେ। କହିଲେ – ହେ ମହାଭାଗ! ହେ ମହାନ୍ କ୍ଷତ୍ରୀ! ଏହି ମୁହୂର୍ତ୍ତରୁ ଆପଣ କେବଳ କୌରବପାଣ୍ଡବମାନଙ୍କର ପିତାମହ ନୁହନ୍ତି, ଏ ସମସ୍ତ ଭାରତୀୟ ମହାଜାତିର ପୂଜ୍ୟ ପିତାମହ। ସେ ରାତ୍ରି ଥିଲା ଗଭୀର ବେଦନାବାହୀ ଏକ ବିଦାୟୀ ବିଷଣ୍ଣ ରାତ୍ରି। କୃଷ୍ଣଙ୍କ ସହିତ ପ୍ରିୟ ପୌତ୍ରମାନଙ୍କ ପ୍ରତ୍ୟାବର୍ତ୍ତନ ପଥକୁ ସ୍ନେହାର୍ଦ୍ର ଦୃଷ୍ଟିରେ ଚାହିଁରହିଥିଲେ ଶତଯୁଦ୍ଧର ବିଜୟୀ ବୀର ଭୀଷ୍ମ – ପିତାମହ ଭୀଷ୍ମ – ଦୀର୍ଘକାଳ ପରେ ତାଙ୍କ ମନଶ୍ଚେତନାରେ ମର୍ମରିତ ହେଉଥିଲା ପରମ ପୁଲକିତ ପ୍ରଶାନ୍ତିଭାବର ପବିତ୍ର ପଦାବଳୀ! ଓଃ – କେତେ କାଳ ପରେ ସେ ମୁକ୍ତିର ମିଷ୍ଟମଧୁର ସଂଗୀତ ଶୁଣିପାରୁଛନ୍ତି! ଶେଷଥର ପାଇଁ ସେ ଅସ୍ତାୟମାନ ନକ୍ଷତ୍ରମାନଙ୍କୁ ନିରୀକ୍ଷଣ କରୁଥିଲେ ... ଭୋର୍‌ପୂର୍ବର ଶୁଭେଚ୍ଛା ଜ୍ଞାପନ କରୁଥିଲେ ନିଶାଚର ପକ୍ଷୀମାନଙ୍କୁ ... ହଁ, ସେ ଯେପରି ଏଇ ଶେଷଥର ପାଇଁ ଆତ୍ମସ୍ଥ କରିନେଉଥିଲେ ବେଦନାହତ ବସୁନ୍ଧରାର ଏଇ ବିଭାବରୀ ବେଶ! ହଁ, ମୁଁ କୁରୁକ୍ଷେତ୍ର କହୁଛି ଏଥର।

ଦଶମ ଦିବସ ଥିଲା ପିତାମହ ଭୀଷ୍ମଙ୍କ ସେନାପତିତ୍ୱର ଶେଷଦିବସ। ସମ୍ମୁଖଭାଗରେ ନପୁଂସକ ଶିଖଣ୍ଡୀଙ୍କୁ ଦେଖି ସେ ଅସ୍ତ୍ରବିସର୍ଜିତ ଅବସ୍ଥାରେ ଭୂପତିତ ହେବା ପୂର୍ବରୁ ଏହି ଶ୍ରେଷ୍ଠ କ୍ଷତ୍ରିୟଙ୍କ ଦିବ୍ୟଶରୀରକୁ ଭୂମିସ୍ପର୍ଶ କରିବାର ଅବମାନନାରେ ଲାଂଛିତ ହେବାକୁ ନ ଦେଇ ପ୍ରିୟ ପୌତ୍ର ଅର୍ଜୁନ ତାଙ୍କ ପାଇଁ ସସମ୍ମାନ ଯେଉଁ ଶେଷଶଯ୍ୟା ପ୍ରସ୍ତୁତ କରିଥିଲେ, ତାହା ଥିଲା ଶରଶଯ୍ୟା! ଜଣେ ମହାମହିମ କ୍ଷତ୍ରିୟଙ୍କ ନିମନ୍ତେ ଏହିପରି ଶେଷଶଯ୍ୟା ହିଁ ଥିଲା ଶ୍ରେଷ୍ଠଶଯ୍ୟା। ଶେଷନିଦ୍ରାର ଶ୍ମଶାନଭୂମି ନୁହେଁ, ଜ୍ୱାଳାଭିଷିକ୍ତ ଜାଗରଣର ଯୁଦ୍ଧଭୂମି ହିଁ ଯଥାର୍ଥରେ ଭୀଷ୍ମଙ୍କ ପରି ଜଣେ ଯୁଗାନ୍ତପୁରୁଷଙ୍କ ଅନ୍ତିମ କ୍ଷେତ୍ର। ସେହି ଅନ୍ତିମ କ୍ଷେତ୍ରର ଏକ ବିଶେଷ ସ୍ଥଳରେ ଏହି ଅମିତ ପରାକ୍ରାନ୍ତ ପୁରୁଷ ଶରଶଯ୍ୟାରେ ଶୋଇ ନିଜ ଦେହାନ୍ତର ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ ଯୁଦ୍ଧର ଶେଷ ଦିବସ ପର୍ଯ୍ୟନ୍ତ। ଯୁଦ୍ଧ ଶେଷରେ ସେ ଯେଉଁଦିନ ସ୍ୱଇଚ୍ଛାରେ ମରଶରୀର ପରିତ୍ୟାଗ କରିଥିଲେ, ସେଦିନ ଥିଲା ମାଘ ଶୁକ୍ଳ ଅଷ୍ଟମୀ। ଏହି ଶରଶଯ୍ୟାରେ ହିଁ ତାଙ୍କୁ ସଂଗୋପନରେ ସାକ୍ଷାତ କରିବାକୁ ଆସିଥିବା ମହାବୀର କର୍ଣ୍ଣଙ୍କ ପ୍ରତି ସେ ପ୍ରଦର୍ଶନ କରିଥିଲେ ପ୍ରଗାଢ଼ ମମତା ଏବଂ ତାଙ୍କୁ ଆଶୀର୍ବାଦ କରି କହିଥିଲେ – ତୁମେ କାଳକାଳକୁ ଅକ୍ଷୟ ଯଶର ଅଧିକାରୀ ହୋଇ ପୃଥିବୀବାସୀ ଭବିଷ୍ୟଦାୟାଦମାନଙ୍କର ଅବିସ୍ମରଣୀୟ ପୂର୍ବପୁରୁଷ ଭାବରେ ପ୍ରତିଭାତ ହେଉଥିବ।

ଏହି ଶରଶଯ୍ୟାରେ ଶାୟିତ ରହି ସେ ଯୁଧିଷ୍ଠିରଙ୍କୁ ପ୍ରଦାନ କରିଥିଲେ ଅଜସ୍ର ଅମୂଲ୍ୟ ଉପଦେଶ।

ଆମରଣ ଅବିବାହିତ ଏହି ପରମ ବୀରପୁରୁଷଙ୍କୁ ଥରେ ପ୍ରଶ୍ନ ପଚରାଯାଇଥିଲା – ତୁମେ ନିଃସନ୍ତାନ, ତେଣୁ କିଏ ତୁମକୁ ମୃତ୍ୟୁ ପରେ ପିଣ୍ଡ ଦାନ କରିବ?

ସେ ପ୍ରଶ୍ନର ଉତ୍ତର ସ୍ୱରୂପ ଭୀଷ୍ମ କହିଥିଲେ – ଏ ସଂସାରର ସମସ୍ତ ମନୁଷ୍ୟ ମୋର ସନ୍ତାନ। ସମସ୍ତେ ପିଣ୍ଡ ଦାନ କରିପାରିବେ ମୋତେ।

ଏଥି ନିମନ୍ତେ ପ୍ରତ୍ୟେକ ହିନ୍ଦୁ ମାଘ ଶୁକ୍ଳ ଅଷ୍ଟମୀ ଦିନ ପିତାମହ ଭୀଷ୍ମଙ୍କୁ ଶ୍ରାଦ୍ଧ ଅର୍ପଣ କରନ୍ତି। କାହିଁ କେଉଁ କାଳର ସେ ସ୍ପନ୍ଦାୟମାନ ସ୍ମୃତିସବୁ ଆଜି ବି ନକ୍ଷତ୍ର ପରି ଉଙ୍କିଆସନ୍ତି ଅନ୍ଧକାରରେ। ଏହି ବୀରଭୋଗ୍ୟା ବସୁନ୍ଧରାରେ ବୀରତ୍ୱର ବହୁ ବୁନିଆଦି ବିଲୀନ ହୋଇଯାଇଥିବାର ପ୍ରତ୍ୟକ୍ଷ କରିଆସିଛି ମୁଁ କୁରୁକ୍ଷେତ୍ର। ପବନରେ, ପତ୍ରପୁଞ୍ଜର ମୃଦୁମର୍ମରରେ, ଶେଷରାତ୍ରିର ଶିଶିରପାତର ଶବ୍ଦରେ ମୁଁ ଶୁଣିଛି ମୃତସଭ୍ୟତାର ମର୍ମବିଦାରକ ଶୋକଗୀତି। ହସ୍ତିନା, ଇନ୍ଦ୍ରପ୍ରସ୍ଥଠାରୁ ଆରମ୍ଭ କରି ହରପ୍ପା, ମହେଞ୍ଜୋଦାରୋ ପର୍ଯ୍ୟନ୍ତ ଅଜସ୍ର ଭଗ୍ନାବଶେଷ ଭିତରେ ମୁଁ ଅନୁଭବ କରିଛି ଶତ ସଂସ୍କୃତିର ଶେଷନିଃଶ୍ୱାସ! ମହାଭାରତ ଯୁଦ୍ଧ ପରେ ଭାରତବର୍ଷ ଏକ କ୍ଷାତ୍ରରହିତ କ୍ଷେତ୍ର! ତଥାପି କ୍ଷାନ୍ତ ହୋଇନାହିଁ ଏ ପୃଥିବୀ – ତଥାପି ଯୁଦ୍ଧ ... ବିଗ୍ରହ ... ବିପର୍ଯ୍ୟୟ ଡାକିଆଣୁଛି ନିଜ ପାଇଁ ନିଜେ – ତମାମ୍ ମଣିଷ ଜାତି। ଅତୀତର ଭ୍ରମ ସଂଶୋଧନ ନ କରି ଭବିଷ୍ୟତକୁ ପୁନରାୟ ଭଗ୍ନସ୍ତୂପରେ ପରିଣତ କରିଦେବାର ଚିରଦୁର୍ବାର ଅବଦମିତ ପ୍ରବୃତ୍ତିର ଅନ୍ତ କେବେ?

ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ସେଦିନର ସୂର୍ଯ୍ୟ ଥିଲା ରାହୁଗ୍ରସ୍ତ। ସେହିଭଳି ଦ୍ୱାରକା ନଗ୍ରର ଆକାଶରେ ବି ଦିନେ ରାହୁର ଛାୟା ସଂଚରିଯାଇଥିଲା ଆମୂଳାନ୍ତ। ଆଉ ଠିକ୍ ତା'ପରେ ଏରକାବନରେ ପରସ୍ପରକୁ ହାଣିକାଟି ଅଚିରେ କ୍ଷୟପ୍ରାପ୍ତ ହୋଇଯାଇଥିଲା ଦୁର୍ଦ୍ଧର୍ଷ ଦୁର୍ଦ୍ଦାନ୍ତ ଯଦୁବଂଶ! କ୍ଷୟ ମଧ୍ୟରେ ଜୟର କି ନିଷ୍କରୁଣ ରୂପ!

ମହାଭାରତ ଯୁଦ୍ଧ ପରେ ବଂଚି ରହିଥିଲେ ସାତଆଠଜଣ ବୀରପୁରୁଷ ମାତ୍ର! ସେହିପରି ଯଦୁବଂଶନାଶ ପରେ ମଧ୍ୟ ଉପୁଜିଥିଲା ଏକା ଅବସ୍ଥା – ଅତି ଉତ୍କଟ, ଅତୀବ ଉତ୍ପୀଡ଼କ ସେ ଦାରୁଣ ଦୁରବସ୍ଥା! ମହାବଳୀ ବଳରାମ ଓ ଅବତାର-ପୁରୁଷ କୃଷ୍ଣ ଚିରବିଦାୟ ନେଇଥିଲେ ଏ ଧରାଧାମରୁ। ଦ୍ୱାରକା ନଗ୍ର ସମୁଦ୍ର ଗର୍ଭରେ ନିମଜ୍ଜିତ ହୋଇଯିବାର ଦିନ ଗଣୁଥିଲା ଏହାପରେ! ହଁ, ନିରାଶ୍ରୟ ନାରୀ, ଅନାଥ ଶିଶୁ ଓ ବୃଦ୍ଧମାନଙ୍କୁ ବାଦ୍ ଦେଇ ସେଦିନ ଅବଶିଷ୍ଟ ବୀର ଯାଦବବୃନ୍ଦ ଗୋଟିଏ ନୃଶଂସ ଗୃହଯୁଦ୍ଧରେ ନିପାତ ହୋଇସାରିଥିଲେ...

ବଂଶ, ବୁନିଆଦି, ବୀରତ୍ୱ ... ସବୁ ବିଲୟର ବିକଳ ମୂକସାକ୍ଷୀ ମୁଁ କୁରୁକ୍ଷେତ୍ର। ଆଜି ଅନ୍ତଃକରଣରେ ପ୍ରାର୍ଥନା କରୁଛି – ହେ ମର୍ତ୍ତ୍ୟବାସୀ ମନୁଷ୍ୟସନ୍ତାନମାନେ, ପ୍ରତ୍ୟେକ କରାଳ-କରୁଣ ଯୁଦ୍ଧଭୂମିକୁ ତୁମେମାନେ ଆଜିଠାରୁ ଶ୍ୟାମଳ-ସବୁଜ ଶସ୍ୟଭୂମିରେ ରୂପାନ୍ତରିତ କରିବାର ଶପଥ କର। ସବୁ ରକ୍ତକର୍ଦ୍ଦମାକ୍ତ ରଣକ୍ଷେତ୍ରର ରୂପ ବଦଳିଯାଉ ରାଶିରାଶି ଫୁଲ ଫୁଟୁଥିବା ଏକ ଚମତ୍କାର ଅନିନ୍ଦ୍ୟସୁନ୍ଦର ଉପବନର ଚଟୁଳ ଚେହେରାରେ! ପତ୍ର-ଫୁଲ-ଫଳର ଫର୍ଦ୍ଦପାଠ କରୁ ଏ ପ୍ରତାଡ଼ିତ ପୃଥିବୀ – ଆଜିଠାରୁ ଏଇ ସଂକଳ୍ପ ଗ୍ରହଣ କର, ହେ ବିଶ୍ୱବାସୀ!

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

# କୋହଲିଙ୍କୁ ପଛରେ ପକାଇଲେ ଗିଲ୍

**ନୂଆଦିଲ୍ଲୀ**

ଚଳିତ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ଗୁଜରାଟ ଟାଇଟନ୍ସ (ଜିଟି) ଅଧିନାୟକ ଶୁବମନ ଗିଲ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷ ମ୍ୟାଚ୍‌ରେ ଟି୨୦ କ୍ୟାରିୟରରେ ୫ ହଜାର ରନ୍ ପୂରଣ କରିଛନ୍ତି। ଏହି ମ୍ୟାଚ୍‌ରେ ଗିଲ ୫୩ ବଲରେ ୩ ଚୌକା ଓ ୭ ଛକା ସହିତ ଅପରାଜିତ ୯୩ ରନ କରିଥିଲେ।

ଏହି ଅବସରରେ ଟି୨୦ ଫର୍ମାଟରେ ୫ ହଜାର ରନ ପୂରଣ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସେ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। କୋହଲି ୧୬୭ତମ ଇନିଂସରେ ଏହି ମାଇଲଖୁଣ୍ଟରେ ପହଞ୍ଚିଥିବା ବେଳେ ଗିଲ ୧୫୪ତମ ଇନିଂସରେ ୫ ହଜାର ପୂରଣ କରିଛନ୍ତି। ତେବେ ଟି୨୦ କ୍ରିକେଟରେ ୫୦୦୦ ରନ ପୂରଣ କରିବାରେ ଲୋକେଶ ରାହୁଲ ଦ୍ରୁତତମ ଭାରତୀୟ। ସେ ୧୪୩ ଇନିଂସରେ ଏହି ସଫଳତା ପାଇଥିଲେ। ଟି୨୦ରେ ଦ୍ରୁତ ୫ ହଜାର ରନ କରିବାର ରେକର୍ଡ କ୍ରିସ୍ ଗେଲ(୧୩୨ ଇନିଂସ)ଙ୍କ ନାମରେ ରହିଛି। ଏହି ତାଲିକାରେ ତାଙ୍କ ପଛକୁ ରାହୁଲ (୧୪୩), ଶନ ମାର୍ଶ (୧୪୪), ଡେଭନ କନୱେ (୧୪୪), ବାବର ଆଜମ (୧୪୫) ଓ ଗିଲ (୧୫୪) ରହିଛନ୍ତି।



# ଲକ୍ଷ୍ନୌକୁ ୬ ୱିକେଟରେ ହରାଇଲା ହାଇଦ୍ରାବାଦ

**ଲକ୍ଷ୍ନୌ**

ଲକ୍ଷ୍ନୌଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୬୧ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଆଗରେ ୨୦୬ ରନର ଲକ୍ଷ୍ୟ ରଖିଥିଲା ଲକ୍ଷ୍ନୌ ସୁପରଜାୟାଣ୍ଟସ୍।

ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ପକ୍ଷରୁ ବ୍ୟାଟିଂ ଓପନ କରିଥିବା ମିଚେଲ୍ ମାର୍ସ ଓ ଆଇଡେନ ମାର୍କରାମ୍ ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ୱିକେଟ ଯୋଡ଼ିରେ ୧୧୫ ରନ କରିଥିଲେ। ମାର୍ସ ୬୫ ରନ କରି ହର୍ଷ ଦୁବେଙ୍କ ବଲ ଇଶାନ ମଲିଙ୍ଗାଙ୍କ ହାତରେ ଧରା ପଡ଼ିଥିଲେ। ସେହିପରି ମାର୍କରାମ ୬୧ ରନ କରିଥିଲେ ଓ ହର୍ଷଲ ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ନିକୋଲାସ ପୁରନ ନିଜର ଭଲ ଫର୍ମ ବଜାୟ ରଖି ୨୬ ବଲରେ ୪୫ ରନ କରିଥିଲେ। ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ କରିଥିଲା।



ହାଇଦ୍ରାବାଦ ପକ୍ଷରୁ ଇଶାନ ମାଲିଙ୍ଗା ୨ଟି ୱିକେଟ ନେଇଥିବାବେଳେ ହର୍ଷ ଦୁବେ, ନୀତୀଶ ରେଡ୍ଡି ଓ ହର୍ଷଲ ପଟେଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ହାଇଦ୍ରାବାଦ ସହଜରେ ୧୮.୨ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଛି। ଅଭିଷେକ ଶର୍ମା ୫୯ ରନର ବିସ୍ଫୋରକ ଇନିଂସ ଖେଳି ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

# ଏସିଆ କପ୍‌ରୁ ଓହରିବ ନାହିଁ ଭାରତ : ବିସିସିଆଇ

**ନୂଆଦିଲ୍ଲୀ**

ଭାରତ ଆସନ୍ତା ପୁରୁଷ ଏସିଆକପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାହାର ଦୃଢ଼ ଖଣ୍ଡନ କରିବା ସହ ଏହା ଅନୁମାନ ଓ କାଳ୍ପନିକ ବୋଲି କହିଛି।

ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, କିଛି ଦିନ ତଳର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ସାମରିକ ବିବାଦକୁ ନେଇ ବିସିସିଆଇ ଭାରତୀୟ ଦଳକୁ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦେବ ନାହିଁ। କାରଣ ପାକିସ୍ତାନର ଆଭ୍ୟନ୍ତରିଣ ବ୍ୟାପାର ମନ୍ତ୍ରୀ ମହସିନ ନକ୍‌ଭି ଏସିସିର ସଭାପତି ଥିବା ବେଳେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଅଛନ୍ତି।

ଗତଥରର ଚାମ୍ପିୟନ ଭାରତ ସେପ୍ଟେମ୍ବରରେ ଟି୨୦ ଫର୍ମାଟରେ ଖେଳାଯାଉଥିବା ପୁରୁଷ ଏସିଆ କପ୍‌ର ଆୟୋଜକ। ଅନ୍ୟପକ୍ଷେ ଶ୍ରୀଲଙ୍କା ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ର ଆୟୋଜକ ହୋଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସୋମବାର ସକାଳେ କିଛି ଖବର ଆମ ନଜରକୁ ଆସିଛି। ଆସନ୍ତା ଏସିଆ କପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତ ଅଂଶଗ୍ରହଣ ନ କରିବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଥିବା ଏଥିରେ ପ୍ରକାଶ ପାଇଛି। ଏଭଳି ଖବରର କୌଣସି ସତ୍ୟତା ନାହିଁ।

ବିସିସିଆଇରେ ଏହି ପ୍ରସଙ୍ଗରେ ଏପରିକି କୌଣସି ଆଲୋଚନା ହୋଇ ନାହିଁ। ସାଇକିଆ କହିଛନ୍ତି, ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କିପରି ସୁଚାରୁ ପରିଚାଳିତ ହେବ ଏବଂ ଆସନ୍ତାମାସରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଉପରେ ବିସିସିଆଇର ନଜର ରହିଛି। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଏ ତେବେ ତାହା ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

# ହାଇଦ୍ରାବାଦକୁ ବଡ଼ ଝଟ୍‌କା : କରୋନାରେ ସଂକ୍ରମିତ ହେଲେ ଟ୍ରାଭିସ୍ ହେଡ୍



**ହାଇଦ୍ରାବାଦ**

ହାଇଭୋଲଟେଜ୍ ମ୍ୟାଚ୍ ପୂର୍ବରୁ ହାଇଦ୍ରାବାଦକୁ ଲାଗିଛି ଏକ ବଡ଼ ଝଟ୍‌କା। ହାଇଦ୍ରାବାଦର ବିସ୍ଫୋରକ ବ୍ୟାଟର ଟ୍ରାଭିସ୍ ହେଡ୍ କରୋନାରେ ସଂକ୍ରମିତ ହୋଇଛନ୍ତି। ଏନେଇ ସେ ସୋମବାର ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ହାଇଦ୍ରାବାଦ ଦଳର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ ଭିଟୋରି କହିଥିଲେ। ହେଡ୍ କରୋନା ପଜିଟିଭ ହୋଇଛନ୍ତି, ଏନେଇ ସେ ଭାରତ ଆସିପାରି ନାହାନ୍ତି। ଦଳ ପକ୍ଷରୁ ଆଶା କରାଯାଉଛି ଯେ, ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପରବର୍ତ୍ତୀ ମ୍ୟାଚ୍‌ରେ ଦଳରେ ଯୋଗଦେବେ।

# ମା’ ଜାଗୁଳାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ପୋଦନା ଚାମ୍ପିଅନ

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗ୍ରାମପଞ୍ଚାୟତ ଅଲଣା ଗ୍ରାମରେ ମା’ ଜାଗୁଳାଇ କ୍ରିକେଟ ପଡ଼ିଆରେ ଚଳିତ ବର୍ଷ ପଞ୍ଚମ ଥର ପାଇଁ ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ କୁମାର ଶତପଥୀ ଯୋଗଦେବେ ଟ୍ରଫି ଉନ୍ମୋଚନ କରିବା ସହିତ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ପଞ୍ଚାୟତର ସମିତି ସଭ୍ୟ ଉମେଶ ଚନ୍ଦ୍ର ବାରିକ ମଧ୍ୟ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଚାୟତର ମୋଟ ୧୬ ଟିମ୍ ଭାଗ ନେଇଥିବା ବେଳେ ସେଥିରୁ ପ୍ରଥମ ଦିନ ୮ଟି ଦ୍ୱିତୀୟ ଦିନ ୮ ଟିମ୍ ଲେଖାଏଁ ଟିମ୍ ଖେଳିବା ସହିତ ସେଥିରୁ ମୂଳୁଗାଁ ଓ ପୋଦନା ଟିମ୍ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମୂଳୁଗାଁକୁ ଦଶ ୱିକେଟ ହରାଇ ପୋଦନା ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ସୌମ୍ୟକାନ୍ତ ଦାସ ଯୋଗ ଦେଇଥିଲେ। ଚାମ୍ପିଅନ ଓ ଉପବିଜେତା ଟିମ୍‌କୁ ଟ୍ରଫି ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବେ ନାରାୟଣ ପଲାଇ, ସୂର୍ଯ୍ୟକାନ୍ତ ପାତ୍ର, ବିଶ୍ୱଜିତ କୁଅଁର ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଭାଷ୍ୟକାର ଭାବେ ସୁଜିତ ପରିଡ଼ା, ଆଶୁତୋଷ ରାଉତ ଉପସ୍ଥିତ ଥିଲେ। ସ୍କୋରର ଭାବେ ନିଶାନ୍ତ କୁଅଁର ଓ ସ୍ମୃତି ରଞ୍ଜନ ବେହେରା ଉପସ୍ଥିତ ଥିଲେ। ଏଥି ସହିତ ଟିମ୍ ମ୍ୟାନେଜର ଭାବେ ପ୍ରିତିରଞ୍ଜନ ନାୟକ, ବିଶ୍ୱଜିତ କୁଅଁର, ବିଶ୍ୱଜିତ ବେହେରା ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମା’ଜାଗୁଳାଇ କିକ୍ରେଟ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।



## ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରବୀନ୍ଦ୍ର ବିଦ୍ୟା ଭାରତୀ ବିପକ୍ଷରେ ଜାଭିଆର ୮ ୱିକେଟରେ ବିଜୟୀ

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଷ୍ଟାଡ଼ିୟମ ଠାରେ ସୋମବାର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସୋମବାରର ଏହି ଉଦ୍‌ଘାଟନୀ ଖେଳରେ ରବୀନ୍ଦ୍ର ବିଦ୍ୟା ଭାରତୀ ବିପକ୍ଷରେ ସେଣ୍ଟ ଜାଭିଆର ହାଇସ୍କୁଲ ୮ ୱିକେଟରେ ବିଜୟ ଲାଭ କରି ପୂରା ପଏଣ୍ଟ ହାସଲ କରିଛି। ଲିଗ୍ କମ୍ ନକ୍ ଆଉଟ ପଦ୍ଧତିରେ ଅନୁଷ୍ଠିତ ଏହି ଖେଳରେ ରବୀନ୍ଦ୍ର ଭାରତୀ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ସମସ୍ତ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବିବେକ ମୁଖୀ ୩୧ଟି ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ସର୍ବାଧିକ ୩୨ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଅଭିଷେକ ନାୟକ ୨୬ ରନ ଦେଇ ୨ଟି ଏବଂ ଆଦିଦେବ ସାହୁ ୨୮ ରନ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ।



ଏହାର ଜବାବରେ ଜାଭିଆର ହାଇସ୍କୁଲ ମାତ୍ର ୧୫ ଓଭର ବ୍ୟାଟିଂ କରି ଦୁଇଟି ୱିକେଟ ହରାଇ ଅତି ସହଜରେ ବିଜୟକୁ ହାତେଇ ନେଇ ଥିଲେ। ଦଳ ପକ୍ଷରୁ ସୂର୍ଯ୍ୟାଦିତ ମିଶ୍ର ୩୬ଟି ବଲର ସମ୍ମୁଖୀନ ହୋଇ ସର୍ବାଧିକ ୫୧ ରନ ସଂଗ୍ରହ କରି ପ୍ରତିଯୋଗିତାର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦେବାଂଶୁ ରଞ୍ଜନ କର ୧୮ଟି ବଲର ସମ୍ମୁଖୀନ ହୋଇ ୪ଟି ଚୌକା ଏବଂ ୨ଟି ଛକା ସହାୟତାରେ ଦ୍ରୁତ ୩୨ ରନ ସଂଗ୍ରହ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ : ପିପଲପଦର ଚାମ୍ପିଅନ

**କର୍ଲାମୁଣ୍ଡା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଞ୍ଜା ଯୁବ ସଙ୍ଗଠନ ପକ୍ଷରୁ ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନିତ ଅତିଥି ଭାବେ ରିଞ୍ଜା ସରପଞ୍ଚ ପୂର୍ଣ୍ଣମୀ ମାଝୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ସଭାପତି ରିପୁ ଦମନ ସୌରଭ ମିଶ୍ର, କର୍ଲାମୁଣ୍ଡା କ ଜୋନ ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଭାଜପା ନେତା ଗଣେଶ କୁମାର, କ ଜୋନ୍ ମଣ୍ଡଳ ସଭାପତି ଡୋଳାମଣି ଭୋଇ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍‌ଟି କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକ ପିପଲପଦର ମଧ୍ୟରେ



ଅନୁଷ୍ଠିତ ହୋଇଥିଲା ଏଥିରେ ପିପଲପଦର ଚାମ୍ପିଅନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ହୀରାମଣୀ ଭୋଇ ଓ ପୁଲକ ଷଡ଼ଙ୍ଗୀ ରହିଥିବା ବେଳେ ଉଦ୍‌ଘୋଷକ ଯଶପାଲ ସାହୁ, ହେମାନନ୍ଦ ସାହୁ ଓ ସ୍କୋରର ଭାବେ ସୁମନ୍ତ ସାହୁ ଦାୟିତ୍ୱ ନେଇଥିଲେ। ଏଥିରେ କଳାହାଣ୍ଡି ଜିଲାର ମ. ରାମପୁର, କେସିଙ୍ଗା, ନର୍ଲା, କର୍ଲାମୁଣ୍ଡା ବ୍ଲକର ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ରିଞ୍ଜା ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଆୟୋଜନରେ ସହଯୋଗ କରିଥିଲେ।

# ଇଣ୍ଡିଆନ୍ ଗ୍ରାଁ ପ୍ରି-୨ : ଅନିମେଷ ଦ୍ରୁତତମ ଧାବକ

**ଭୁବନେଶ୍ୱର**

କେରଳର ତ୍ରିଭେନ୍ଦ୍ରମଠାରେ ଆୟୋଜିତ ଇଣ୍ଡିଆନ୍ ଗ୍ରାଁପ୍ରି-୨ରେ ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇଛନ୍ତି। ବିଶେଷ କରି ପୁରୁଷ ୧୦୦ ମିଟରର ପ୍ରଥମ ୩ସ୍ଥାନରେ ଓଡ଼ିଶାର ୩ଜଣ ଖେଳାଳି ରହିବା ଉଲ୍ଲେଖନୀୟ ରହିଛି। ୧୦.୩୧ ସେକେଣ୍ଡ ସମୟ ସହ ଅନୀମେଷ କୁଜୁର ପ୍ରତିଯୋଗିତାର ଦ୍ରୁତତମ ଧାବକ ହୋଇଥିଲା ବେଳେ ତାଙ୍କ ପଛକୁ ରହିଛନ୍ତି ଲାଲୁ ପ୍ରସାଦ ଭୋଇ (୧୦.୫୬୫ ସେକେଣ୍ଡ) ଓ ଦଣ୍ଡପତି ମୃତ୍ୟମ ଜୟରାମ (୧୦.୫୬୯)। ଏହା ରାଜ୍ୟ ଦୌଡ଼କୁଦ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ଅନ୍ୟତମ ଓଡ଼ିଆ ଅଭିନାଶ ସାହୁ (୧୦.୭୪ ସେକେଣ୍ଡ) ନିଜ ଗ୍ରୁପ୍ (ସି)ର ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ମୋଟ



ଉପରେ ସପ୍ତମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ୨୦୦ ମିଟରରେ ମଧ୍ୟ ଅନିମେଷ ବାଜି ମାରି ନେଇଥିଲେ। ୨୦.୫୫ ସେକେଣ୍ଡ ସହ ସେ ପ୍ରଥମ ସ୍ଥାନରେ ରହିଥିଲା ବେଳେ ଲାଲୁପ୍ରସାଦ ଭୋଇ (୨୧.୨୩) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୮୦୦ ମିଟରରେ ଓଡ଼ିଶାର ଦୟାନିଧି ମୁଣ୍ଡା (୧:୫୨.୮୦) ତୃତୀୟ ସ୍ଥାନରେ ରହିଥିଲେ। ମହିଳା ୧୦୦ ମିଟରରେ କିନ୍ତୁ ଅଭିଜ୍ଞ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ଆଶାଜନକ ପ୍ରଦର୍ଶନ କରି ପାରି ନଥିଲେ। ମହିଳା ୮୦୦ ମିଟରରେ କିନ୍ତୁ ଲକ୍ଷ୍ମୀପ୍ରିୟା କିଶାନ ଏହି ଦୁଃଖକୁ ଦୂର କରିଥିଲେ। ୨:୦୯.୧୦ ମିନିଟ୍ ସମୟ ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ମହିଳା ୧୧୦ ମିଟର ବାଧାଦୌଡ଼ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୨୭) ଓ ସବିତା ଟପ୍ପୋ (୧୪.୨୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିବା ଜାତୀୟ ଦୌଡ଼କୁଦ ଦୃଶ୍ୟପଟ୍ଟରେ ଓଡ଼ିଶାର ବର୍ଦ୍ଧିତ ଆକାରକୁ ଦର୍ଶାଇଥିଲା।

# ଜେମ୍ : ଚମକୁଛି ସରକାରୀ ସାମଗ୍ରୀ କ୍ରୟ ବଜାର



**ପୀୟୂଷ ଗୋଏଲ**

ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ବେଶ୍ ଦ୍ରୁତ ଗତିରେ ବିଶ୍ୱ ନେତୃତ୍ୱର ସ୍ଥାନ ଭାବରେ ମୁଣ୍ଡ ଟେକିବା ସହିତ ସରକାରୀ ସାମଗ୍ରୀ କ୍ରୟ କ୍ଷେତ୍ରରେ ଏକ ସ୍ୱଚ୍ଛ, ସମାବେଶୀ ଓ ସକ୍ରିୟ ପ୍ଲାଟଫର୍ମ ରୂପେ ଉଭା ହୋଇପାରିଛି। ଏହା ପ୍ରାୟ ୧.୬ ଲକ୍ଷ ସରକାରୀ କ୍ରେତାଙ୍କୁ ୨୩ ଲକ୍ଷ ବିକ୍ରେତା ଓ ସେବା ଯୋଗାଣକାରୀ ସଂସ୍ଥାଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ସଂଯୋଗ ସ୍ଥାପନ କରିବାରେ ସକ୍ଷମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପରିକଳ୍ପନାର ଏହା ଏକ ପ୍ରମୁଖ ସାଧନ ପାଲଟିଛି।

ଯେଉଁ ଦିନଠାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପଟ୍ଟ ପରିବର୍ତ୍ତନକାରୀ ଡିଜିଟାଲ ଉପକ୍ରମର ଶୁଭାରମ୍ଭ କରିଛନ୍ତି, ସେହିଦିନ ଠାରୁ ବିଗତ ନଅ ବର୍ଷ ମଧ୍ୟରେ ‘ଜିଇଏମ’ ଏକ ସକ୍ରିୟ ବ୍ୟବସ୍ଥା ଭାବରେ କାର୍ଯ୍ୟ ସଂପାଦନ କରିଆସୁଛି। ସରକାର ଯେଉଁଭଳି ଭାବରେ ବିଭିନ୍ନ ଆବଶ୍ୟକ ସାମଗ୍ରୀ ଓ ସେବା କ୍ରୟ କରୁଛନ୍ତି ସେଥିରେ ଆମୂଳଚୂଳ ପରିବର୍ତ୍ତନ ଘଟିଛି। ଏହି ପ୍ରକ୍ରିୟାରୁ ଦୁର୍ନୀତକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରାଯାଇଛି ଏବଂ ଏହା ଷ୍ଟାର୍ଟ ଅପ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.), ମହିଳା ତଥା ଦେଶର ଛୋଟ ଛୋଟ ଟାଉନମାନଙ୍କରେ ଥିବା ବ୍ୟାବସାୟିକ ସଂସ୍ଥାମାନଙ୍କୁ ଯଥେଷ୍ଟ ମାତ୍ରାରେ ସହାୟକ ହୋଇପାରିଛି।

ଏହି ବ୍ୟବହାର ଉପଯୋଗୀ ସରଳ ପ୍ଲାଟଫର୍ମଟି ବାସ୍ତବ ପକ୍ଷେ ଏକ ଅମୂଲ୍ୟ ମଣି ଯାହା ପୂର୍ବରୁ ଅପଯଶ ଅର୍ଜନ କରିଥିବା ଯୋଗାଣ ଓ ନିଷ୍ପାଦନ ନିର୍ଦ୍ଦେଶାଳୟ ବ୍ୟବସ୍ଥାର ସ୍ଥାନ ଗ୍ରହଣ କରିଛି। ପୂର୍ବ ବ୍ୟବସ୍ଥାଟି ଅସ୍ୱଚ୍ଛ ଏବଂ ଅଣ-ପ୍ରତିଦ୍ୱନ୍ଦ୍ୱୀ ବ୍ୟବସ୍ଥା ହୋଇଥିବା ବେଳେ ସେଥିରୁ କେତେକ ନିର୍ଦ୍ଦିଷ୍ଟ ସୁଯୋଗଖୋର ଗୋଷ୍ଠୀ ଫାଇଦା ହାସଲ କରୁଥିଲେ। ତେଣୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ, ଯାହାକି ବିଜ୍ଞାନ ଭବନଠାରେ ଅବସ୍ଥିତ, ଯଥାର୍ଥରେ ସେଠାରେ ପୂର୍ବରୁ ଥିବା ଏହି ନାମମାତ୍ର ସଂସ୍ଥା କାର୍ଯ୍ୟାଳୟଠାରେ କାର୍ଯ୍ୟ କରୁଛି।

**ଉଲ୍ଲେଖନୀୟ ଅଭିବୃଦ୍ଧି :** ୨୦୧୬ ମସିହାରେ ଏହା ସ୍ଥାପନା ହେବା ଦିନଠାରୁ ଜିଇଏମ୍ ପୋର୍ଟାଲ ମାଧ୍ୟମରେ ଅଦ୍ୟାବଧି ପ୍ରାୟ ୧୩.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ସାମଗ୍ରୀର ଅର୍ଡର କାରବାର ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ପ୍ଲାଟଫର୍ମ ଜରିଆରେ ସରକାରୀ କ୍ରୟ ମାତ୍ରା ୫.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଏକ ରେକର୍ଡ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷରେ ଜିଇଏମ ତା’ର ବାର୍ଷିକ ବ୍ୟାବସାୟିକ କାରବାର ୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହା ନିଃସନ୍ଦେହ ଯେ ଜିଇଏମ୍ ଏକ ପ୍ରଯୁକ୍ତିଗତ ଧାବମାନ ଅଶ୍ୱରେ ପରିଣତ ହୋଇଛି ଯାହା ସରକାରୀ ସାମଗ୍ରୀ କ୍ରୟର ସମଗ୍ର ପ୍ରେକ୍ଷାପଟ୍ଟରେ ଆମୂଳଚୂଳ ପରିବର୍ତ୍ତନ ଘଟାଇଛି।

ବ୍ୟାବସାୟିକ କାରବାର ମାତ୍ରା ଓ ପରିମାଣ ଜିଇଏମ୍‌କୁ ବିଶ୍ୱର ସର୍ବବୃହତ୍ ସରକାରୀ ସାମଗ୍ରୀ କ୍ରୟ ପୋର୍ଟାଲରେ ପରିଣତ କରିବାର ଆଶା ଏବେ ଉଜ୍ଜ୍ୱଳ ହୋଇଛି ଏବଂ ଏହା ନିକଟ ଭବିଷ୍ୟତରେ ଦକ୍ଷିଣ କୋରିଆର ‘କୋନେପ୍ସ’ ଭଳି ସୁପ୍ରତିଷ୍ଠିତ ସଂସ୍ଥାର ସ୍ଥାନ ଅଧିକାର କରିବାକୁ ଯାଉଛି।

ଜିଇଏମ୍ ସାଧୁତାରେ ବିଶ୍ୱାସୀ ବ୍ୟାବସାୟିକ ସଂସ୍ଥାମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବା ସହିତ ଅନେକ ନୂତନ କର୍ମସଂସ୍ଥାନ ସୃଷ୍ଟି କରିଛି, ଏହି ପରିପ୍ରେକ୍ଷୀରେ ଜିଇଏମ୍‌ର ଗୁରୁତ୍ୱ ଏହାର ଅବିଶ୍ୱସନୀୟ ଆର୍ଥିକ ଅଭିବୃଦ୍ଧିଠାରୁ ମଧ୍ୟ ଆହୁରି ଅନେକ ଦିଗରେ ପରିବ୍ୟାପ୍ତ, ଯାହା ଯେକୌଣସି ବଡ଼ ବଡ଼ ଇ-କମର୍ସ ସଂସ୍ଥାଙ୍କ ମନରେ ଈର୍ଷା ଜନ୍ମାଇବା ସ୍ୱାଭାବିକ କଥା।

**ସୁସଂଗତ ଅଭିବୃଦ୍ଧିର ଅଭିନବ ଇଞ୍ଜିନ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ସବକା ସାଥ, ସବ୍ କା ବିକାଶ’ ପରିକଳ୍ପନାର ଭାବନା ସହିତ ଜିଇଏମ ନ୍ୟାୟସଂଗତ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଇଂଜିନ ଭାବରେ କାର୍ଯ୍ୟ କରିଆସୁଛି। ଏହା ଷ୍ଟାର୍ଟ ଅପ୍ ସଂସ୍ଥା, କ୍ଷୁଦ୍ର ବ୍ୟାବସାୟିକ ଅନୁଷ୍ଠାନ ଓ ମହିଳା ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଓ ସେବାକୁ କୌଣସି ମଧ୍ୟସ୍ଥ ଅବା ଦଲାଲ ବିନା ସରକାରୀ କ୍ରେତାଙ୍କ ନିକଟରେ ପ୍ରଦର୍ଶିତ କରିବାର ସହଜ ସୁଯୋଗ ଯୋଗାଇଥାଏ। ଏହା କୌଣସି ପ୍ରତିବନ୍ଧକ ବିନା ପ୍ରବେଶର ସୁଯୋଗ ଯୋଗାଇବା ଦ୍ୱାରା ଏହି ପ୍ଲାଟଫର୍ମ ଛୋଟ ଛୋଟ ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ଲାଟଫର୍ମକୁ ସଶକ୍ତ କରେ ଯଦ୍ୱାରା ସେମାନେ ଇ-ଟେଣ୍ଡରରେ ଅଂଶଗ୍ରହଣ କରିପାରନ୍ତି ଓ ସେମାନଙ୍କ ବ୍ୟବସାୟ ବଢ଼ାଇବାର ସୁଯୋଗ ପାଇପାରି ଥାଆନ୍ତି।

ସସାଯୋଜନା ନୀତିରେ ପରିଚାଳିତ ହୋଇ ଜିଇଏମ ଅନେକ ରଣନୀତିକ ଉପକ୍ରମକୁ ଆପଣାଇବା ସହିତ ବିଭିନ୍ନ ପ୍ରକାରର ରଣନୀତିକ କାର୍ଯ୍ୟପନ୍ଥାକୁ ସମର୍ଥନ ଜଣାଇଥାଏ ଯଦ୍ୱାରା ଛୋଟ ଛୋଟ ବ୍ୟବସାୟୀମାନେ ଏଥିରୁ ଉପକୃତ ହୋଇ ପାରିଥାଆନ୍ତି। ସେଥି ମଧ୍ୟରେ ସରକାରୀ କ୍ରେତାଙ୍କୁ ଚିହ୍ନଟ କରିବାର ବ୍ୟବସ୍ଥା ଏବଂ ଏମ.ଏସ.ଇ ଏବଂ ମହିଳା ନେତୃତ୍ୱାଧୀନ ବ୍ୟାବସାୟିକ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଚୟନକୃତ ଉତ୍ପାଦ ଓ ସେବା ଆଦି ସାମିଲ।

**ଲକ୍ଷ୍ୟ ଅତିକ୍ରମ :** ସମ୍ପୂର୍ଣ୍ଣ ରୂପେ ଷ୍ଟୋର୍ ଫ୍ରଣ୍ଟ ପ୍ରତି ସମର୍ପିତ ଜିଇଏମର କାରକ ଯଥା ‘ଷ୍ଟାର୍ଟ ଅପ୍ ରନୱେ’ ଏବଂ ‘ଉମାନିଆ’ ସକ୍ରିୟତାର ସହିତ ଏହିସବୁ ବ୍ୟାବସାୟିକ ସଂସ୍ଥାମାନଙ୍କ ଦୃଶ୍ୟତା ବୃଦ୍ଧିକୁ ଏବଂ ସରକାରୀ ସାମଗ୍ରୀ କ୍ରୟରେ ସେମାନଙ୍କ ଅଂଶ ବୃଦ୍ଧି ପାଇଁ କାର୍ଯ୍ୟ କରିଆସୁଛନ୍ତି। ଏହା ଫଳରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ (ଏମ.ଏସ.ଇ.)ମାନଙ୍କରୁ ୨୫ ପ୍ରତିଶତ ଏବଂ ମହିଳାମାନଙ୍କ ନେତୃତ୍ୱରେ ପରିଚାଳିତ ସଂସ୍ଥାମାନଙ୍କରୁ ୩ ପ୍ରତିଶତ ସାମଗ୍ରୀ କ୍ରୟ ଲକ୍ଷ୍ୟକୁ ସରକାର କେବଳ ଅନୁସରଣ କରିନାହାନ୍ତି ଏହାକୁ ଅତିକ୍ରମ ମଧ୍ୟ କରାଯାଇ ପାରିଛି। ଜିଇଏମ ଦ୍ୱାରା ପ୍ରାୟ ୩୮ ପ୍ରତିଶତ ବ୍ୟାବସାୟିକ କାରବାର ଏମ.ଏସ.ଇ.ମାନଙ୍କୁ ପ୍ରଦାନ କରାଯାଇଛି ଏବଂ ମହିଳା କୈନ୍ଦ୍ରିକ ସଂସ୍ଥାମାନଙ୍କ ଠାରୁ ଏଭଳି କାରବାର ମାତ୍ରା ପ୍ରାୟ ୪ ପ୍ରତିଶତ ଛୁଇଁଛି।

୨୦୨୫ ମସିହା ଏପ୍ରିଲ ମାସ ସୁଦ୍ଧା ଜିଇଏମ ମାଧ୍ୟମରେ ଦେଶର ୩୦,୦୦୦ରୁ ଅଧିକ ଷ୍ଟାର୍ଟ ଅପ୍, ୩୮,୫୦୦ କୋଟିରୁ ଅଧିକ ଟଙ୍କାର ବ୍ୟାବସାୟିକ କାରବାର କରିଛନ୍ତି । ଅଧିକନ୍ତୁ ୧.୮୧ ଲକ୍ଷ ଉଦ୍ୟମ-ସତ୍ୟାର୍ପିତ ମହିଳା କୈନ୍ଦ୍ରିକ ଉଦ୍ୟୋଗୀ ଜିଇଏମ ପୋର୍ଟାଲ ମାଧ୍ୟମରେ ପ୍ରାୟ ୫୦,୦୦୦ କୋଟି ଟଙ୍କାର କାରବାର ଅର୍ଡର ହାସଲ କରିଛନ୍ତି।

**ବୃହତ୍ ସଞ୍ଚୟ :** ଏହିସବୁ ପରିବର୍ତ୍ତନ ଅର୍ଥ ସଞ୍ଚୟରେ ରୂପାନ୍ତରୀତ ହୋଇପାରିଛି। କେତେକ ଅର୍ଡର ପରିମାଣ କ୍ଷେତ୍ରରେ ଏହା ୩୩ ପ୍ରତିଶତରୁ ୯୬ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରିଛି। ଏଭଳି ଉଲ୍ଲେଖନୀୟ ସଞ୍ଚୟ ଏକ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ଯାହାକି ମୋଦୀ ସରକାରଙ୍କ ମିଶନର ଉଦ୍ଦେଶ୍ୟକୁ ସାକାର କରେ ଏବଂ ଇଜ୍ ଅଫ୍ ଡୁଇଂ ବିଜିନେସ୍ ଏବଂ ଇଜ ଅଫ୍ ଲିଭିଂକୁ ସୁଗମିତ କରେ। ଦେଶର ସାଧାରଣ ନାଗରିକଙ୍କ ହିତସାଧନ ନିମନ୍ତେ ଏହା ଉପକାରସିଦ୍ଧ ସାବ୍ୟସ୍ତ ହୋଇପାରିଛି।

ବିଶ୍ୱ ବ୍ୟାଙ୍କ୍ ପକ୍ଷରୁ କରାଯାଇଥିବା ଏକ ସ୍ୱାଧୀନ ଅଧ୍ୟୟନ ଦର୍ଶାଏ ଯେ ଜିଇଏମର କ୍ରେତାମାନେ ଏହା ଫଳରେ ପ୍ରାୟ ୯.୭୫ ପ୍ରତିଶତ ମଧ୍ୟବର୍ତ୍ତୀ ଲାଭ ପାଇପାରିଛନ୍ତି। ଏହା ଫଳରେ ଦେଶବାସୀ ଦେଉଥିବା କଷ୍ଟାର୍ଜିତ ଟିକସର ସୁବିନିଯୋଗ ତଥା ସଞ୍ଚୟ ହୋଇପାରୁଛି ଯାହାର ଆନୁମାନିକ ପରିମାଣ ପ୍ରାୟ ୧,୧୫,୦୦୦ କୋଟି ଟଙ୍କା। ଜିଇଏମ ମାଧ୍ୟମରେ କ୍ରୟ ଯୋଗୁ ସରକାରୀ ପରିଚାଳିତ ଏନ.ଟି.ପି.ସି. ସଂସ୍ଥା ପ୍ରାୟ ୨,୦୦୦ କୋଟି ଟଙ୍କା ସଞ୍ଚୟ କରିଛି। ଏକ ୨୦,୦୦୦ କୋଟି ଟଙ୍କାର ପାଲଟା ନିଲାମୀ ବ୍ୟବସ୍ଥା ଯୋଗୁ ଏହି ଲାଭ ମିଳିପାରିଛି। ଅପର ପକ୍ଷେ, ଜିଇଏମ ପ୍ରତିରକ୍ଷା ସରଞ୍ଜାମ, ଟୀକା, ଡ୍ରୋନ୍ ଏବଂ ବୀମା ଭଳି ସେବା କ୍ରୟ କରିବା ଦ୍ୱାରା ଏହି କାର୍ଯ୍ୟ ଅଧିକ ସ୍ୱଚ୍ଛ ଓ ସୁଲଭ ହୋଇପାରିଛି।

ପରିଣାମ ସ୍ୱରୂପ, ଦେଶର କ୍ଷୁଦ୍ର ଉଦ୍ୟୋଗୀମାନେ ଢେର୍ ଆଶ୍ୱସ୍ତ ହୋଇଛନ୍ତି। ଜିଇଏମ ନିକଟରେ କାରବାର ଦେୟକୁ ହ୍ରାସ କରିଛି। ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଅର୍ଡର ନିମନ୍ତେ ସ୍ୱଳ୍ପ କାରବାର ଦେୟ (୦.୩୦%) ରଖାଯାଇଛି। ସେହିଭଳି ୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାରବାର ପାଇଁ ଦେୟ ମୂଲ୍ୟକୁ ୩ ଲକ୍ଷ ଟଙ୍କାରେ ସ୍ଥିର ରଖାଯାଇଛି – ପୂର୍ବରୁ ଏହା ୭୨.୫୦ ଲକ୍ଷ ଟଙ୍କା ଥିଲା ଏବଂ ଏହା ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ।

**ପ୍ରଯୁକ୍ତି ଏ.ଆଇ :** ବିଶାଳ ପ୍ରଯୁକ୍ତିଗତ ସଂସାଧନ ସହିତ, ଏହି ପ୍ଲାଟଫର୍ମ ନିରବଚ୍ଛିନ୍ନ ଭାବରେ ବୃଦ୍ଧି ପାଇ ଚାଲିଛି ଯାହାକୁ ପ୍ରଯୁକ୍ତିଗତ ସମାଧାନ ପନ୍ଥା ଜରିଆରେ ନୂତନ ତଥା ସହଜ ଉପାୟରେ ବ୍ୟାବସାୟିକ କାରବାରର ପଥ ଉନ୍ମୋଚନ କରିଛି। ଇତି ମଧ୍ୟରେ ଜିଇଏମ ଏକ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ସାଧନଯୁକ୍ତ ଚାର୍ଟବୋଟ୍ (ଜିଇଏମଏଆଇ) ଅବସ୍ଥାପନ କରିଛି। ଏହା ଏପରି ଏକ ସାଧନା ଯାହା ଆଲୋଚନାଜନିତ ବିଶ୍ଳେଷଣ ଏବଂ ବ୍ୟାବସାୟିକ ଧୀଶକ୍ତିଯୁକ୍ତ। ଏକ କ୍ଷୁଦ୍ର ଚାର୍ଟବୋଟ୍ ଆଠଗୋଟି ଆଞ୍ଚଳିକ ଭାଷାରେ ମଧ୍ୟ ଉପଲବ୍ଧ ଏବଂ ସେଥିରେ ସର୍ବାଧୁନିକ ପ୍ରଯୁକ୍ତିର ଉପଯୋଗ କରାଯାଇଛି। ଏଥିରେ ଭଏସ୍ କମାଣ୍ଡ କାର୍ଯ୍ୟକ୍ଷମାତ ରହିଛି ଯାହାକି ଜିଇଏମ ପୋର୍ଟାଲରେ ଇଜ୍ ଅଫ୍ ଡୁଇଂ ବିଜିନେସକୁ ଆହୁରି ସହଜସାଧ୍ୟ କରିବ।

ଅଣୁ କ୍ଷୁଦ୍ର ଉଦ୍ୟୋଗମାନଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ଉତ୍ପାଦନ ନିମନ୍ତେ ଜିଇଏମ ଅର୍ଥ ଯୋଗାଣ ବ୍ୟବସ୍ଥା ମଧ୍ୟ କରିଥାଏ। ଏହା ଯୋଗ୍ୟ କ୍ରୟ ଅର୍ଡର ଉପରେ ମାତ୍ର ୧୦ ମିନିଟରୁ କମ୍ ସମୟ ମଧ୍ୟରେ ବନ୍ଧକବିହୀନ ଋଣ ଯୋଗାଇ ଦେଇଥାଏ। ଇତି ମଧ୍ୟରେ ଏହି ପ୍ଲାଟଫର୍ମ ଜିଇଏମ ସହାୟ ୨.୦ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି ଯାହା ଏକ ସିଙ୍ଗଲ ୱିଣ୍ଡୋ ରୂପେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ କରିପାରୁଛି। ଏହି ପ୍ଲାଟଫର୍ମକୁ ଆହୁରି ସମାବେଶୀ ଓ ପ୍ରତିଦ୍ୱନ୍ଦ୍ୱୀ କରିବା ସକାଶେ ଏହାକୁ ଅଧିକ ପ୍ରଯୁକ୍ତିଯୁକ୍ତ କରିବାର ପ୍ରୟାସ ଜାରି ରହିଛି।

ଭାରତର ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବାହକ ରୂପେ ଆଗେଇ ନେବା ଦିଗରେ ଜିଇଏମ ପୋର୍ଟାଲ ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଅଭିମୁଖ୍ୟର ମଧ୍ୟ ଏହା ଅନ୍ୟତମ କାରକ। ତେଣୁ ସମାଜର ଶେଷ ସୀମାରେ ବସବାସ କରୁଥିବା ଅବହେଳିତ ଜନସାଧାରଣଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଉତ୍ଥାନ ନିମନ୍ତେ ଏହା ସଦାସର୍ବଦା ଅଧିକ ମାତ୍ରାରେ ଜାଗ୍ରତ ରହିଛି ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଯୋଗାଉଛି। ଏଥି ସହିତ ଦେଶର କରଦାତାଙ୍କ ବହୁମୂଲ୍ୟ ଅର୍ଥର ଯେପରି ସୁବିନିଯୋଗ ହୋଇପାରିବ ଏବଂ ଗୁଣାତ୍ମକ ମାନଯୁକ୍ତ ସାମଗ୍ରୀକୁ ପ୍ରତିଦ୍ୱନ୍ଦ୍ୱୀ ମୂଲ୍ୟରେ କ୍ରୟ କରାଯାଇ ପାରିବ ତାହା ମଧ୍ୟ ସୁନିଶ୍ଚିତ ହୋଇପାରିଛି।

ଭୁବନେଶ୍ୱର
୨୦ ମଇ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସମ୍ବିଧାନର ୩ ସ୍ତମ୍ଭ ସମାନ: ସିଜେଆଇ

**ମୁମ୍ବାଇ,୧୯।୫**

ନ୍ୟାୟପାଳିକା କି କାର୍ଯ୍ୟପାଳିକା ନୁହେଁ, ବରଂ ଦେଶର ସମ୍ବିଧାନ ସବୁଠୁ ଉଚ୍ଚରେ। ସମ୍ବିଧାନର ୩ ସ୍ତମ୍ଭ ଏକାଠି ହୋଇ କାର୍ଯ୍ୟ କରିବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର. ଗବାଇ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ସପ୍ତାହରେ ୫୨ତମ ସିଜେଆଇ ରୂପେ ଶପଥ ନେଇଥିବା ଜଷ୍ଟିସ୍ ଗବାଇ ମହାରାଷ୍ଟ୍ର ଓ ଗୋଆ ବାର୍ କାଉନ୍ସିଲ ପକ୍ଷରୁ ମୁମ୍ବାଇରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ସମ୍ବୋଧିତ କରି କହିଛନ୍ତି, ସମ୍ବିଧାନର ୩ ସ୍ତମ୍ଭ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ସମାନ। ପ୍ରତ୍ୟେକ ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେଇ ସହଯୋଗୀ ଭାବେ



କାର୍ଯ୍ୟ କରିବା ଉଚିତ। ଯଦିଓ ସଂସଦର ସମ୍ବିଧାନ ସଂଶୋଧନ କ୍ଷମତା ରହିଛି, ତଥାପି ସାମ୍ବିଧାନିକ ଢାଞ୍ଚାର ମୌଳିକ ସିଦ୍ଧାନ୍ତକୁ ପାର୍ଲାମେଣ୍ଟ ସ୍ପର୍ଶ କରିପାରିବ ନାହିଁ। ନ୍ୟାୟପାଳିକାର ଭୂମିକାକୁ ନେଇ ବିତର୍କ ଜାରି ରହିଥିବାବେଳେ ନିଜ ରାଜ୍ୟ ମହାରାଷ୍ଟ୍ରକୁ ଗସ୍ତ ଅବସରରେ ସିଜେଆଇ ଗବାଇ ପ୍ରୋଟକଲରେ ରହିଥିବା ବ୍ୟବଧାନକୁ ରେଖାଙ୍କିତ କରିଛନ୍ତି। ଯେତେବେଳେ ମହାରାଷ୍ଟ୍ରର ଜଣେ ବ୍ୟକ୍ତି ସିଜେଆଇ ହୋଇ ନିଜ ରାଜ୍ୟକୁ ଆସୁଛନ୍ତି, ସେତେବେଳେ ପୋଲିସ ମହାନିର୍ଦ୍ଦେଶକ କିମ୍ବା ପୋଲିସ କମିଶନର ଉପସ୍ଥିତ ନ ରହିବା ଦୁର୍ଭାଗ୍ୟଜନକ। ପ୍ରୋଟକଲ କିଛି ନୂଆ କଥା ନୁହେଁ। ଏହା ଏକ ସାମ୍ବିଧାନିକ ସଂସ୍ଥା ଅନ୍ୟ ଏକ ସାମ୍ବିଧାନିକ ସଂସ୍ଥାକୁ ଦେଉଥିବା ସମ୍ମାନ। ସିଜେଆଇ ଆହୁରି କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି। ବିଚାରପତିମାନେ ପ୍ରୋଟକଲ ଭାଙ୍ଗିଲେ ମଧ୍ୟ ଅନୁଚ୍ଛେଦ ୧୪୨ ଲାଗୁହେବ। ସେହିପରି 'ବୁଲ୍‌ଡୋଜର ନ୍ୟାୟ' କଥା ଉଠାଇ ଆଶ୍ରୟ ଅଧିକାରୀଙ୍କୁ ସର୍ବୋପରି ବୋଲି ସିଜେଆଇ କହିଛନ୍ତି।

# ଚଳଚଞ୍ଚଳ ଶ୍ରୀକ୍ଷେତ୍ର : ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ସମ୍ପନ୍ନ

**ପୁରୀ, ୧୯/୦୫**
**ନ୍ୟୁଜ ବ୍ୟୁରୋ**

ସୋମବାର ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ, ଏନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର । ଏହି ଅବସରରେ ତିନି ରଥର ଛଅଟି ନାହାକ ଚକ ସହ ତିନୋଟି ଅଖ ସଂଯୋଗର ଶୁଭ ଅନୁକୂଳ କରାଯାଇଛି। ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱକର୍ମା ମହାରଣା ଓ ଭୋଇ ସେବକଙ୍କ ସହାୟତାରେ କରାଯାଇଥିଲା ଏହି ଚକ ଅଖ ସଂଯୋଗ କାର୍ଯ୍ୟ। ପ୍ରତ୍ୟେକ ରଥର ୨ ଟି ଲେଖାଏଁ ଚକରେ ଗୋଟିଏ ଲେଖାଏଁ ଅଖ ସଂଯୋଗ କରାଯାଇଥିବା ବେଳେ ଆଗକୁ ସମୁଦାୟ ୪୨ଟି ଚକ ଓ ୨୧ ଟି ଅଖର କାର୍ଯ୍ୟ ଆରମ୍ଭ କରାଯିବ। ଆରମ୍ଭ ହୋଇଛି ରଥ ନିର୍ମାଣର ଆଉ



ଏକ ପର୍ଯ୍ୟାୟ କାର୍ଯ୍ୟ। ଗତ ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ କରାଯାଇଥିବା ବେଳେ ଭଉଁରୀ ତିଥି ଅବସରରେ ବିଧି ଅନୁଯାୟୀ ମହାପ୍ରଭୁଙ୍କ ତିନି ରଥର ଚକ ଓ ଅଖ ସଂଯୋଗର ଅନୁକୂଳ କରାଯାଇଛି। ପରମ୍ପରା ଅନୁଯାୟୀ ଭଉଁରୀ ତିଥି ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୂଜାପଣ୍ଡାମାନେ ତିନିରଥ ପାଇଁ ଆଜ୍ଞାମାଳ ଆଣି ରଥଖଳାରେ ପହଞ୍ଚିଥିଲେ। ବିଶ୍ୱକର୍ମା ମହାରଣା ମାନେ ନିର୍ମାଣ କରିଥିବା ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ସହ ଅଖର ସଂଯୋଗ କରିଥିଲେ ଭୋଇ ସେବକ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ୍‌ଙ୍କ ଉପସ୍ଥିତିରେ ଏହି ଅନୁକୂଳ କାର୍ଯ୍ୟ ବେଶ୍ ସୁରୁଖୁରୁରେ ସଂପନ୍ନ ହୋଇଥିଲା। ମହାପ୍ରଭୁଙ୍କ ରଥ ନିର୍ମାଣ ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଚଳିତ ବର୍ଷ ଭକ୍ତଙ୍କ ଗହଣରେ ଶୃଙ୍ଖଳିତ ଭାବେ ହେବା ନେଇ ମହାପ୍ରଭୁଙ୍କ ପାଖରେ ସଭିଏଁ ପ୍ରାର୍ଥନା କରିଛନ୍ତି। ଶୀତଳ ଷଷ୍ଠୀ ପରଦିନ ୩ଟି ରଥର ସମସ୍ତ ୪୨ଟି ଚକ ସଂପୂର୍ଣ୍ଣ କରାଯିବ। ଏପଟେ ଚକ ଅଖ ଡେରା ନୀତି ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହାପ୍ରଭୁଙ୍କ ନିର୍ଦ୍ଦେଶରେ ରଥଯାତ୍ରା ପାଇଁ ଚକ ଠିଆ କରିବାକୁ ଆଜ୍ଞାମାଳ ବିଜେ ପରେ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ସତ୍ତ୍ୱେ ଭୋଇ ସେବକ ମାନେ ନାହାକ ଚକ ଓ ଅଖ ପ୍ରସ୍ତୁତ କରିବା ପରେ ପାଣିଆପଟ ସେବାୟତଙ୍କ ଦ୍ୱାରା ପାଣି ପଡି ଚକ ପବିତ୍ର କରାଯାଇଥିଲା।

# 'ଭାରତ କୌଣସି ଧର୍ମଶାଳା ନୁହେଁ, ଯେଉଁଠି ଦୁନିଆର ସବୁ ଲୋକଙ୍କୁ ଶରଣ ଦେବୁ'



**ନୂଆଦିଲ୍ଲୀ, ୧୯/୦୫**

ଭାରତ କୌଣସି ଧର୍ମଶାଳା ନୁହେଁ ଯେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଲୋକ ଆସି ଏଠାରେ ଶରଣ ନେବେ । ଶ୍ରୀଲଙ୍କାର ଜଣେ ନାଗରିକଙ୍କ ଶରଣ ଆବେଦନକୁ ଖାରଜ କରି ଏଭଳି କହିଛନ୍ତି ସୁପ୍ରିମକୋର୍ଟ । ଦୁନିଆର ବିଭିନ୍ନ ସ୍ଥାନରୁ ଆସୁଥିବା ବିଦେଶୀଙ୍କୁ ଭାରତରେ ଶରଣ ଦେବା ସମ୍ଭବ ନୁହେଁ । କାରଣ ଆମ ଦେଶରେ ୧୪୦ କୋଟି ଲୋକ ସଂଘର୍ଷ କରୁଛନ୍ତି । ସୋମବାର ଜଷ୍ଟିସ୍ ଦୀପାଙ୍କର ଦତ୍ତ ଓ ଜଷ୍ଟିସ୍ ବିନୋଦ ଚନ୍ଦ୍ରନଙ୍କ ଦୁଇ ଜଣିଆ ଖଣ୍ଡପୀଠ ଶ୍ରୀଲଙ୍କାର ଜଣେ ନାଗରିକଙ୍କ ଶରଣ ଆବେଦନର ଶୁଣାଣି କରିଥିଲେ । ଯାହାଙ୍କୁ ୨୦୧୫ରେ ଲିବରେସନ ଟାଇଗର୍ସ ଅଫ୍ ତାମିଲ୍ ଇଲମ୍ ବା ଏଲଟିଟିଇ ସହିତ ଜଡ଼ିତ ଥିବାର ସନ୍ଦେହରେ ଗିରଫ କରାଯାଇଥିଲା । ଯାହା ସେତେବେଳେ ଶ୍ରୀଲଙ୍କାରେ ଏକ ସକ୍ରିୟ ଆତଙ୍କବାଦୀ ସଂଗଠନ ଥିଲା । ଆବେଦନକାରୀ ବିଦେଶୀ ଅଧିନିୟମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସଜା ପୂର୍ଣ୍ଣ ହେବା ପରେ ଏବେ ସେ ଭାରତରେ ଶରଣାର୍ଥୀ ଭାବେ ରହିବାକୁ ଚାହୁଁଛନ୍ତି। କାରଣ ସେ ପୁଣି ଥରେ ଶ୍ରୀଲଙ୍କା ଫେରିଲେ ସେଠାରେ ତାଙ୍କୁ ହତ୍ୟା କରି ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ନିଜ ଆବେଦନରେ କୋର୍ଟଙ୍କୁ ଜଣାଇଥିଲେ । ମାତ୍ର ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ୍ ଏହା ଉପରେ ବିଚାର କରିବାକୁ ନା କହିବା ସହିତ ଆବେଦନକୁ ଖାରଜ କରିଛନ୍ତି । କୋର୍ଟ କହିଛନ୍ତି, ଯଦି ନିଜ ଦେଶକୁ ଫେରିଲେ ଜୀବନ ପ୍ରତି ବିପଦ ରହିଛି, ତେବେ ଅନ୍ୟ କୌଣସି ଦେଶକୁ ଚାଲିଯାଅ । ୨୦୧୮ ମସିହାରେ ଶ୍ରୀଲଙ୍କାର ନାଗରିକଙ୍କୁ ଟ୍ରାଏଲ୍ କୋର୍ଟ ବେଆଇନ ଗତିବିଧି ଅଧିନିୟମ ଆଧାରରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ୧୦ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ । ୨୦୨୨ରେ ମାଡ୍ରାସ ହାଇକୋର୍ଟ ତଳ କୋର୍ଟଙ୍କ ସଜାକୁ ହ୍ରାସ କରି ୭ ବର୍ଷ କରି ଦେଇଥିଲେ । ହେଲେ ଏବେ ସଜା ପୂର୍ଣ୍ଣ ହେବା ପରେ ଭାରତ ଛାଡ଼ିବାକୁ କୁନ୍ଥୁ କୁନ୍ଥୁ ଶ୍ରୀଲଙ୍କା ନାଗରିକ । ଘରକୁ ଫେରିବା ବଦଳରେ ଭାରତରେ ଶରଣାର୍ଥୀ କେନ୍ଦ୍ରରେ ରହିବାକୁ କୋର୍ଟରେ ଅବେଦନ କରିଛନ୍ତି । ଯାହାକୁ ସର୍ବୋଚ୍ଚ ଅଦାଲତ ଖରାଜ କରିଦେଇଛନ୍ତି ।

# ଭଉଁରୀ ଯାତ୍ରା ପାଇଁ କଡ଼ା ସୁରକ୍ଷା ବଳୟରେ ନରେନ୍ଦ୍ର ପୁଷ୍କରିଣୀ: ୧୧ ପ୍ଲାଟୁନ୍ ଫୋର୍ସ ମୁତୟନ

**ପୁରୀ,୧୯/୦୫ ନ୍ୟୁଜ ବ୍ୟୁରୋ**

ପୁରୀରେ ଭଉଁରୀ ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବେ । ଭଉଁରୀ ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ଲାଗି ଅଧିକ ଫୋର୍ସ ସମେତ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଏବେ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଜଣେ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୫ଜଣ ଡିଏସ୍‌ପି ତଥା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮ ଜଣ ଇନ୍ସପେକ୍ଟର, ଏଏସ୍‌ଆଇ, ୩୭ ଜଣ କନେଷ୍ଟବଳ, ମହିଳା କନେଷ୍ଟବଳ ଓ ଏପିଆରଙ୍କ ସହ ୫୮ ଜଣ ହୋମ୍‌ଗାର୍ଡଙ୍କୁ ଯାତ୍ରାରେ ନିୟୋଜିତ କରାଯାଇଛି । ଭଉଁରୀ ଯାତ୍ରା ଲାଗି ଅଧିକ ୩ ଜଣ ଡିଏସ୍‌ପି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିୟୋଜିତ ହୋଇଛନ୍ତି। ପୂର୍ବରୁ ଏସ୍‌ଆଇ ଓ



ଏଏସ୍‌ଆଇ ୨୦ଜଣ ମୁତୟନ ହୋଇଥିବାବେଳ ଆହୁରି ୮ଜଣ ଏଏସ୍‌ଆଇ ଓ ହାବିଲଦାର ୪ଜଣ ଥିବାବେଳେ ତାହାକୁ ବୃଦ୍ଧି କରାଯାଇ ୬୦ କରାଯାଇଛି । ସୋମବାର ୧୧ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି । କଡା ସୁରକ୍ଷା ବଳୟରେ ନରେନ୍ଦ୍ର ପୁଷ୍କରିଣୀ ରହିଛି ବୋଲି ଏସ୍‌ପି ବିନୀତ ଅଗ୍ରୱାଲ୍ ସୂଚନା ଦେଇଛନ୍ତି । ଭଉଁରୀ ଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀରେ ବାଣ ଫୁଟା ଉପରେ ନିଷିଦ୍ଧାଦେଶ ଜାରୀ କରାଯାଇଥିଲା ବୋଲି କୁମ୍ଭାରପଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। ଭଉଁରୀ ଯାତ୍ରା ଲାଗି ପୁଲିସ ପକ୍ଷରୁ ଗାଡ଼ି ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଏପରିକି ମାର୍କେଟ ଛକଠୁ ନରେନ୍ଦ୍ରକୋଣ ଦେଇ ରାୟବାହାଦୂର ଲେନ, ନରେନ୍ଦ୍ରକୋଣଠୁ ଶୌଚାଳୟ ଛକ, ଶୌଚାଳୟ ଛକଠୁ ଦେବୀଘାଟ ଛକ ଓ ମାଜଣାଲେନ ଗଳି ଏବଂ ଅକ୍ଷୟପାତ୍ର ଗଳିକୁ ସମ୍ପୂର୍ଣ୍ଣ ଭାବେ ନୋ-ଭେଇକିଲ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ସେହିଭଳି ମାର୍କେଟ ଛକରୁ ଆସୁଥିବା ଗାଡ଼ିଗୁଡ଼ିକ ଜେବିପିସି ଓ ପୌରପାଳିକା ପାର୍କିରେ ପାର୍କିଂ କରିଥିଲେ। ସେହିପରି ମଙ୍ଗଳାଘାଟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଶ୍ରୀସେତୁ ତଳେ ପାର୍କିଂ କରିଥିଲେ। ମଙ୍ଗଳଘାଟ ପଟୁ ଆସୁଥିବା ଗାଡ଼ିଗୁଡ଼ିକ ଦେବୀଘାଟ ଛକଠାରୁ ଜଟିଆବାବାଜୀ ଛକ ଦେଇ କୁମ୍ଭାରପଡ଼ା ଛକ ପର୍ଯ୍ୟନ୍ତ ଚଳାଚଳ କରିଥିଲା।

# ରାଜଧାନୀରେ ୨ ବାର୍‌ରେ ପୁଲିସର ଚଢ଼ଉ, ସାଉଣ୍ଡ ସିଷ୍ଟମ ଜବତ

**ଭୁବନେଶ୍ୱର,୧୯/୦୫ ନ୍ୟୁଜ ବ୍ୟୁରୋ**

କସ୍‌ମସ୍ ବାର୍‌ରେ ଗୁଳିମାଡ଼ ପରେ କମିଶନରେଟ୍ ପୁଲିସ ବିଭିନ୍ନ ବାର୍‌ରେ ଚାଲିଥିବା ଅନିୟମିତତା ରୋକିବାକୁ ଗୁରୁତ୍ୱ ଦେଇଛି । ଡିସିପି ଜଗମୋହନ ମୀନାଙ୍କ କଡ଼ା ନିର୍ଦ୍ଦେଶ ପରେ ପୁଲିସ ୨ଦିନ ଧରି ଲଗାତାର ବାର୍‌ରେ ଚଢ଼ଉ ଚଳାଇଛି । ୨ଟି ବାର୍‌ରୁ ଡିଜେ ଓ ଆମ୍ପ୍ଲିଫାୟାର ଜବତ କରିଛି । ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ସହିଦନଗର ଥାନା ପୁଲିସ ବିଭିନ୍ନ ବାର୍‌ରେ ଚଢ଼ଉ କରିଥିଲା । ନିର୍ଦ୍ଧାରିତ ସମୟ ପରେ ବି କୋଷିନା ବାର୍ ଓ ଆଇନେକ୍ସ ବାର୍ ଖୋଲା ଥିବା ପୁଲିସ ଦେଖିଥିଲା । ତୁରନ୍ତ ଏହି ୨ଟି ବାର୍‌ରୁ ମ୍ୟୁଜିକ୍ ସିଷ୍ଟମକୁ ବନ୍ଦ କରିଥିଲା । ଗ୍ରାହକମାନଙ୍କୁ ବାର୍‌ରୁ ବାହାର କରିଥିଲା । ୨ଟି ବାର୍‌ରୁ ୬ଟି ସାଉଣ୍ଡ ସିଷ୍ଟମକୁ ଜବତ କରାଯାଇଛି । ଡିସିପି ଶ୍ରୀ ମୀନା ଚେତାଇଛନ୍ତି ଯେ, ବାର୍‌ରେ କୌଣସି ପ୍ରକାରର ଅନିୟମିତତାକୁ ବରଦାସ୍ତ କରାଯିବନି । ପ୍ରତି ଥାନା ପୁଲିସ ସେହି ଅଞ୍ଚଳର ବାର୍‌ରେ ନିୟମିତ ଢ଼ଙ୍ଗରେ ଯାଞ୍ଚ କରୁଛି ।

# ମଲ୍‌ରେ ବଡ଼ ଧରଣର ରେଡ୍ : ୧ ଲକ୍ଷ ଜରିମାନା

**ଗୁଣୁପୁର,୧୯/୦୫ ନ୍ୟୁଜ ବ୍ୟୁରୋ**

ଖାଦ୍ୟ ସୁରକ୍ଷା ଅଧିକାରୀ ସୋମବାର ଏକ ବଡ଼ ଧରଣର ଚଢ଼ଉ କରିଛନ୍ତି। ଅଧିକାରୀମାନେ ରାୟଗଡ଼ା ସଦର ମହକୁମାରେ ଥିବା ଏକ ମଲ୍‌ରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅଧିକାରୀମାନେ ମଲ୍‌ରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ମଲ୍‌ରେ ଅବଧି ଶେଷ ହୋଇଥିବା ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ। ଏନେଇ ଅଧିକାରୀମାନେ ଖାଦ୍ୟ ସୁରକ୍ଷା ଆଇନ ବଳରେ ମଲ୍‌କୁ ୧ ଲକ୍ଷ ଟଙ୍କା ଜରିମାନା କରିଥିବା ଜଣାପଡିଛି। ଏପରିକି ଅଧିକାରୀମାନେ ମଲ୍ ମାଲିକଙ୍କ ନାଁରେ ଏକ ନୋଟିସ ଜାରି କରିଥିବା ସୂଚନା ମିଳିଛି।

# ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ଓଡ଼ିଶାର ଘରକୁ ଘର ବୁଲି ସର୍ବେକ୍ଷଣ ଦେଶ ପାଇଁ ଉଦାହରଣ

**ଭୁବନେଶ୍ୱର, ୧୯।୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟର ବିଦ୍ୟାଳୟ ଶିକ୍ଷା ପରିପ୍ରେକ୍ଷୀ, ସ୍କୁଲ ଭିତ୍ତିଭୂମିର ଉନ୍ନତିକରଣ, ଜାତୀୟ ପାଠ୍ୟକ୍ରମ ରୂପରେଖ ସହିତ ସମନ୍ୱୟ ରଖି ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ଶିକ୍ଷକଙ୍କ ଦକ୍ଷତା ବିକାଶ, ଜାତୀୟ ଶିକ୍ଷା ନୀତି ୨୦୨୦ ର କାର୍ଯ୍ୟାନ୍ୱୟନ, ପ୍ରଧାନମନ୍ତ୍ରୀ ପୋଷଣ ଏବଂ ସମଗ୍ର ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରୀୟ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସସିଇଆରଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଓଡ଼ିଶାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି । ରାଜ୍ୟରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଶିଶୁ ବାଟିକାର ସୁପରିଚାଳନା, ଜାତୀୟ ପାଠ୍ୟକ୍ରମ ରୂପରେଖର ସମନ୍ୱୟରେ ରାଜ୍ୟ ପାଠ୍ୟକ୍ରମକୁ ବିକଶିତ କରିବା ଏବଂ ଏଥିରେ ସ୍ଥାନୀୟ ପ୍ରାସଙ୍ଗୀକରଣକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଏକ ଷ୍ଟିୟରିଂ କମିଟି



ଗଠନ କରାଯାଇଥିବା ନେଇ ଆଲୋଚନା କରାଯାଇଛି। ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଭିତ୍ତିଭୂମିର ବିକାଶ, ରାଜ୍ୟରେ ପିଏମ-ଶ୍ରୀ ଯୋଜନାର ସଫଳ କାର୍ଯ୍ୟକାରିତା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଅଧିକରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚାଇବା, ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱ ଦେବା, ପାଠ୍ୟପୁସ୍ତକ ପ୍ରସ୍ତୁତିରେ ରାଜ୍ୟର ଯୋଗଦାନ, ଆଇସିଟି ଓ ଡିଜିଟାଲ ଶିକ୍ଷାର ପ୍ରସାର, ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଉନ୍ନୀତ କରି ଅଧିକରୁ ଅଧିକ ସଂଯୁକ୍ତ ବିଦ୍ୟାଳୟ ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ଚଳିତ ଶିକ୍ଷା ବର୍ଷରୁ ପିଏମ-ପୋଷଣ ସମନ୍ୱୟରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାକୁ ଗ୍ରହଣ କରିଥିବା ନେଇ ସୂଚନା ଦିଆଯାଇଥିଲା, ଯେଉଁଥିରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମଧ୍ୟାହ୍ନ ଭୋଜନ, ସପ୍ତାହକୁ ତିନି ଦିନ ପୁଷ୍ଟିକର ଲଡୁ ପ୍ରଦାନ ଏବଂ ଗୋଟିଏ ଅତିରିକ୍ତ ଅଣ୍ଡା ପ୍ରଦାନ କରାଯାଉଛି । ଏହି ଅବସରରେ ଶ୍ରୀ ପ୍ରଧାନ ରାଜ୍ୟରେ ଶିକ୍ଷାର ସମୃଦ୍ଧ ଯୋଜନା ପ୍ରସ୍ତୁତି ଓ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ଘରକୁ ଘର ବୁଲି ୦-୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ଚାଲିଥିବା ସର୍ବେକ୍ଷଣର ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ସର୍ବେକ୍ଷଣ ଦ୍ୱାରା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ । ଏହି ସର୍ଭେ ଦ୍ୱାରା ପିଲାଙ୍କ ମାତୃଭାଷା ତଥା ଭିନ୍ନକ୍ଷମ ଶିଶୁ ସମ୍ପର୍କିତ ସୂଚନା ମଧ୍ୟ ଉପଲବ୍ଧ ହୋଇପାରିବ ଓ ଆଗାମୀ ବର୍ଷରେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ପିଲାଙ୍କ ସୂଚନା ମିଳିପାରିବ। ସୂଚନାନୁସାରେ ତିନି ଦିନ ଧରି ନୂଆଦିଲ୍ଲୀସ୍ଥିତ ଆଇସିଏଆର୍ ଠାରେ ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ନେଇ ଜାତୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ ବିଭିନ୍ନ ରାଜ୍ୟଗୁଡ଼ିକ ନିଜ ନିଜର ସଫଳ ଯୋଜନାକୁ ଉପସ୍ଥାପନ କରିଥିଲେ ।

## ଲୋଇସିଂହାରେ ପରାକ୍ରମ ଶୋଭାଯାତ୍ରାରେ ସାମିଲ୍ ହେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**ବଲାଙ୍ଗୀର, ୧୯/୦୫**
**ନ୍ୟୁଜ ବ୍ୟୁରୋ**

ସୋମବାର 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ବୀର ଯବାନମାନଙ୍କୁ ସମ୍ମାନ ଜଣାଇ ବଲାଙ୍ଗୀର ଜିଲ୍ଲା ଲୋଇସିଂହାଠାରେ ପରାକ୍ରମ ଶୋଭାଯାତ୍ରା ହୋଇଯାଇଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଶୋଭାଯାତ୍ରାଟି ଲୋଇସିଂହା ରାମ ମନ୍ଦିର ଠାରୁ ଅଗ୍ରେସେନ ଭବନ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ସାଧାରଣ, ମାତୃଶକ୍ତି, ବୁଦ୍ଧିଜୀବୀ, ଯୁବବର୍ଗ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସେନାର ଅସୀମ ଶୌର୍ଯ୍ୟ, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇଥିଲେ ।

## ଭୁଟାନ୍ ଗସ୍ତରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

**ଭୁବନେଶ୍ୱର, ୧୯/୦୫ ନ୍ୟୁଜ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୁଟାନ ଗସ୍ତ କରିଛନ୍ତି। ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ଆସନ୍ତା ୨୦ ଓ ୨୧ ତାରିଖରେ ଦୁଇଦିନ ଧରି ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସ ଭୁଟାନର ଥିମ୍ପୁ ଠାରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ହେଉଛି। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭାରତକୁ ପ୍ରତିନିଧିତ୍ୱ କରିବେ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓ ବର୍ତ୍ତମାନ ଓଡ଼ିଶାର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଶ୍ରୀ ସିଂହଦେଓ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

# ବେସାମରିକ ସୁରକ୍ଷା ବଳ ବଢ଼ାଇବାକୁ ଆନ୍ତରିକତା ନାହିଁ: ଦିନକୁ ୩୧ଟଙ୍କାରେ କାମ କରିବାକୁ ନାରାଜ

**ଭୁବନେଶ୍ୱର, ୧୯/୫**
**ନ୍ୟୁଜ ବ୍ୟୁରୋ**

ଦେଶରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ପରେ ରାଜ୍ୟ ସରକାରଙ୍କର ସିଭିଲ୍ ଡିଫେନ୍ସ (ବେସାମରିକ ସୁରକ୍ଷା) ସ୍ୱେଚ୍ଛାସେବୀଙ୍କ କଥା ମନେପଡ଼ିଲା। ଶତ୍ରୁ ପକ୍ଷ ଏୟାର ଷ୍ଟ୍ରାଇକ୍ କଲେ କିପରି ଧନଜୀବନ ହାନି ହେବନି, ସେଥିପାଇଁ ରାଜ୍ୟର ୧୨ଟି ସ୍ଥାନରେ ସରକାର ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ନେଇ ମକ୍ ଡ୍ରିଲ୍ କଲେ। ଏହା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ବିଶେଷ କରି ଯୁବବର୍ଗଙ୍କୁ ଆହ୍ୱାନ ଦେଲେ ଜାତୀୟତାର ମନୋଭାବ ରଖି ବେସାମରିକ ସୁରକ୍ଷା ସଙ୍ଗଠନରେ ସାମିଲ ହୁଅନ୍ତୁ। ଏହାପରେ ଗୃହ ବିଭାଗ ଅଧୀନସ୍ଥ ଅଗ୍ନିସେବା, ଗୃହରକ୍ଷୀ ଓ ସିଭିଲ୍ ଡିଫେନ୍ସ ପକ୍ଷରୁ ରାଜ୍ୟର ୨୨ଟି ଜିଲ୍ଲାରେ ୨୦ହଜାର ବେସାମରିକ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ହେଲେ ଦିନକୁ ମାତ୍ର ୩୧ଟଙ୍କାରେ କାହିଁକି କିଏ କାମ କରିବ ବୋଲି ଏବେ ପ୍ରଶ୍ନ ଉଠିଛି। ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା ହେଉଛି ଦିନକୁ ମାତ୍ର ୩୧ଟଙ୍କାରେ ନୂଆ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେବାକୁ କେହି ରାଜି ହେଉନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅଗ୍ନିସେବା, ଗୃହରକ୍ଷୀ ଓ ସିଭିଲ୍ ଡିଫେନ୍ସ ସଂସ୍ଥା ପକ୍ଷରୁ ନୂଆ ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ କୁହାଯାଇଥିଲା ଯେ ରାଜ୍ୟର ୨୨ଟି ଜିଲ୍ଲାରେ ଥିବା ୨୨୩୮ଟି ଉଚ୍ଚମାଧ୍ୟମିକ ସ୍କୁଲ, କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍, ଏନ୍‌ୱାଇକେରେ ସାମିଲ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଏଥିରେ ସାମିଲ କରାଯିବ। ସ୍ୱତନ୍ତ୍ର ଡ୍ରାଇଭ୍ ମାଧ୍ୟମରେ ପ୍ରଶିକ୍ଷଣ ଦେଇ ୨୦ହଜାର ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯିବ। ଏବେ ରାଜ୍ୟରେ ପ୍ରାୟ ୧୦ହଜାର ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀ ଥିବାବେଳେ ଏହାକୁ ୩୦ହଜାରରେ ପହଞ୍ଚାଯିବ। ସେମାନଙ୍କୁ ବାତ୍ୟା, ବନ୍ୟା, ଯୁଦ୍ଧ ପରିସ୍ଥିତି, ଜରୁରୀ ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ପାଇଁ ମୁତୟନ କରାଯିବ। ଏଥି ପାଇଁ ତାଲିମ ଦେବାକୁ ସାରା ରାଜ୍ୟରୁ ୧୦୦ଜଣ ବରିଷ୍ଠ ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇଛି। କିନ୍ତୁ ସେମାନେ କହିଛନ୍ତି ଯେ ଆମେ ୩୧ଟଙ୍କାରେ କିପରି ବାହାର ଜିଲ୍ଲାକୁ ଯାଇ ତାଲିମ ଦେବୁ। ଗାଡ଼ିରେ ତେଲ ପକାଇ ଯିବା ଆସିବା କରିବା, ରହିବା, ଖାଇବା ପିଇବାରେ ତ ଦିନକୁ ଦେଢ଼ଶହରୁ ୨ହଜାର ଟଙ୍କା ଖର୍ଚ୍ଚ ହେବ। ଆମର ଦୈନିକ ଭତ୍ତାକୁ ବଢ଼ାଯାଉ। ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବାକୁ ଚୟନ ହୋଇଥିବା ଜଣେ ବରିଷ୍ଠ ସ୍ୱେଚ୍ଛାସେବୀଙ୍କ କହିବାନୁଯାୟୀ, ମୁଖ୍ୟମନ୍ତ୍ରୀ ରାଜ୍ୟରେ ସିଭିଲ୍ ଡିଫେନ୍ସକୁ ସଶକ୍ତ କରିବାକୁ ଚାହୁଥିଲେ ହେଁ ବିଭାଗୀୟ ଅଧିକାରୀଙ୍କର ଆନ୍ତରିକତା ନାହିଁ। କାଳେ ଅଗ୍ନିଶମ ବିଭାଗ, ଓଡ୍‌ରାମର ଗୁରୁତ୍ୱ କମିଯିବ ସେଥିପାଇଁ କେତେକ ଅଧିକାରୀ ସିଭିଲ୍ ଡିଫେନ୍ସକୁ ବଢ଼ାଇବାକୁ ଚାହୁଁନାହାନ୍ତି। ରାଜ୍ୟରେ ଏବେ ଓଡ୍‌ରାମ, ଏନ୍‌ଡିଏମ୍‌ଏ ପକ୍ଷରୁ ହେଉଥିବା ପ୍ରଶିକ୍ଷଣ ଶିବିରକୁ ଗଲେ ଆମକୁ ସେମାନେ ରହିବା, ଖାଇବାକୁ ଦେଇ ଦୈନିକ ୧ହଜାର ଟଙ୍କା ପାରିଶ୍ରମିକ ଦେଉଛନ୍ତି।

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ 'ଉର୍ଜା, ପରିବେଶ ଏବଂ ସ୍ଥାୟୀତ୍ୱରେ ଉନ୍ନତ ସାମଗ୍ରୀ' ଶୀର୍ଷକ ସମ୍ମିଳନୀ

**ଭୁବନେଶ୍ୱର, ୧୯/୫: ନ୍ୟୁଜ ବ୍ୟୁରୋ**

୧୬ ରୁ ୧୮ ମଇ ୨୦୨୫ ମଧ୍ୟରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରରେ ମ୍ୟାଟେରିଆଲ୍ସ ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆ ସହଯୋଗରେ 'ଉର୍ଜା, ପରିବେଶ ଏବଂ ସ୍ଥାୟୀତ୍ୱରେ ଉନ୍ନତ ସାମଗ୍ରୀ' ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀକୁ ଆଇଆଇଟି ଭୁବନେଶ୍ୱରର ଡିନ୍ (ନିରନ୍ତର ଶିକ୍ଷା) ପ୍ରଫେସର ଭି. ପାଣ୍ଡୁ ରଙ୍ଗା ଏବଂ ଏମ୍‌ଆରଏସଆଇ-ଭୁବନେଶ୍ୱର ଚାପ୍ଟର ପ୍ରଫେସର କୁଳମଣି ପରିଡା ଉଦ୍‌ଘାଟନ କରିଥିଲେ। ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ମୌଳିକ ବିଜ୍ଞାନର ରସାୟନ ବିଜ୍ଞାନ ବିଭାଗର ଏଚ୍‌ଓଡି ପ୍ରଫେସର ସ୍ନେହାଶିଷ ଚୌଧୁରୀ, ସଂଯୋଜକ ପ୍ରଫେସର ଉମା ପ୍ରସନ୍ନ ଓଝା ଏବଂ ସହ-ସଂଯୋଜକ ଡକ୍ଟର ପଳାସ ରାୟ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ ଏବଂ ଏହି ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦେଶ ଏବଂ ବିଦେଶର ପ୍ରମୁଖ ଗବେଷଣା ପ୍ରତିଷ୍ଠାନରୁ ଏକ ଅସାଧାରଣ ଟ୍ରାକ୍ ରେକର୍ଡ ସହିତ ଅନେକ ଅଭ୍ୟାସକାରୀ ଗବେଷକ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ନବୀକରଣୀୟ ଶକ୍ତି, ଜଳ ବିଶୋଧନ, ସୌର ଫଟୋଭୋଲ୍ଟିକ୍ସ, ପରିବେଶ ପୁନରୁଦ୍ଧାର, ଶକ୍ତି ସଂରକ୍ଷଣ ଉପକରଣ, ନାନୋ-ଟେକ୍ନୋଲୋଜି ଇତ୍ୟାଦି ପ୍ରମୁଖ କ୍ଷେତ୍ରରେ ସେମାନଙ୍କର ଗବେଷଣା ଫଳାଫଳ ଉପସ୍ଥାପନ କରିଥିଲେ। ତିନି ଦିନିଆ କାର୍ଯ୍ୟକ୍ରମରେ ୩୫ରୁ ଅଧିକ ମୌଖିକ ଉପସ୍ଥାପନା ଏବଂ ୫୦ଟି ପୋଷ୍ଟର ଉପସ୍ଥାପିତ ହୋଇଥିଲା। ପୋଷ୍ଟର ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ଆମେରିକୀୟ କେମିକାଲ୍ ସୋସାଇଟି ଏବଂ ରୟାଲ୍ ସୋସାଇଟି ଅଫ୍ କେମେଷ୍ଟ୍ରି ପକ୍ଷରୁ ଅନେକ ପୁରସ୍କାର ବଣ୍ଟନ କରାଯାଇଥିଲା। ଭାରତ ସରକାରଙ୍କ ଅନୁସନ୍ଧାନ ନ୍ୟାସନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଅନେକ ଉପକରଣ ଏବଂ ରାସାୟନିକ ଯୋଗାଣକାରୀଙ୍କ ସହିତ ସମ୍ମିଳନୀକୁ ଆର୍ଥିକ ସହାୟତା ଦେଇଥିଲା।

ନବୀକରଣୀୟ ଶକ୍ତି ବ୍ୟବହାର, ପରିବେଶ ପୁନରୁଦ୍ଧାର ଏବଂ ଦେଶର ସ୍ଥାୟୀ ପ୍ରଥା ଗ୍ରହଣକୁ ପ୍ରୋତ୍ସାହନ ଦେବାରେ ଯୋଗଦାନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ଥିଲା।

**ARYABHATTA** Learning Forum Pvt. Ltd.
Courtpeta Square, Near MKCG Medical, Berhampur
Contact No : (0680) 2290099, 2282288, 9937356309, 9437594222
E-mail: aryabhatta.brahmapur@gmail.com

**ADMISSION ANNOUNCEMENT**

| COURSE | COMMENCEMENT |
|---|---|
| NEET/ IIT JEE & Adv.- 2026 1 Year Extensive Programme | Phase- I → Admission Going on Phase- II → 10th June 2025 |
| 2 Years Integrated Programme for 10th pass Students | 5th June 2025 |

- Admission into IIT - JEE / NEET - 2026 for (12th Class Students) going on.
- We emphasize more on conceptual teaching than rote learing.
- Free coaching for deserving economically weaker section.

GURUKUL INTERNATIONAL PUBLIC SCHOOL
A Senior Secondary School for Nursery to STD:XII
Goods Shed Road, Lanjipalli, Berhampur, Ganjam, Odisha, PIN:760008 (Ph: 9937885234)
Affiliated to CBSE, New Delhi, Affiliation No. 1530283
E-mail : info.gurukulinternational@gmail.com, Website: www.gurukulinternational.in

CBSE BOARD EXAMINATION 2024-25
HEARTIEST CONGRATULATIONS TO ALL
OUR TOPPERS

